ଧରିତ୍ରୀ
DHARITRI
November 18-24, 2018 ₹ 2/-

# ଛୁଟି ଦିନ



୩
ପ୍ରଚ୍ଛଦ ପ୍ରସଙ୍ଗ

# ମାଟି କୁଡ଼ୁଆ

ବିଭିନ୍ନ ମନ୍ଦିରରେ ପ୍ରସାଦ ପାଇଁ ବ୍ୟବହାର କରାଯାଏ ମାଟି କୁଡ଼ୁଆ। ଯାହାକୁ ପବିତ୍ର ପାତ୍ର ବୋଲି କୁହାଯାଉଥିବାବେଳେ ଏଥିରେ ଖାଦ୍ୟ ରନ୍ଧା ହେଲେ ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟୋପଯୋଗୀ ମଧ୍ୟ ହୋଇଥାଏ...

୭
ସହରଠୁ ଦୂର

୮/୯
ସିନେମା





# ଫାଷ୍ଟ ଇମ୍ପ୍ରେସନ



**କୌଣସି ଜବ୍ ଇଣ୍ଟରଭ୍ୟୁ ହେଉ ବା ପ୍ରଥମ ଥର ଯଦି କାହାକୁ ଦେଖା କରିବାକୁ ଯାଉଛନ୍ତି ତେବେ ସେହି ସମୟରେ ଆପଣଙ୍କ ଇମ୍ପ୍ରେସନ କିଭଳି ରହିବା ଆବଶ୍ୟକ ସେ ସମ୍ପର୍କରେ...**

* ଯଦି ପ୍ରଥମ ଥର କାହାକୁ ଦେଖାକରିବାକୁ ଯାଉଛନ୍ତି ସେତେବେଳ ଉତ୍ତମ ପୋଷାକ ପରିଧାନ କରିବା ଆବଶ୍ୟକ, କାରଣ ପୋଷାକରୁ ହିଁ ଆମର ବ୍ୟକ୍ତିତ୍ୱର ପରିଚୟ ମିଳିଥାଏ।
* ପ୍ରଥମ ଦେଖାରେ ଯଦି କାହାକୁ ଇମ୍ପ୍ରେସ୍ କରିବା ପାଇଁ ଚାହାନ୍ତି ତେବେ ଖୋଲା ବିଚାର ଏବଂ ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ଦେଖାକରନ୍ତୁ।
* ବଡି ଲାଙ୍ଗୁଏଜ୍ ମଧ୍ୟ ଏ କ୍ଷେତ୍ରରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେଣୁ ପ୍ରଥମ ଥର କାହା ସାଙ୍ଗେ ମିଶୁଥିଲେ ମୁହଁରେ ସ୍ମିତହାସ୍ୟ ସହ ହାତ ମିଳେଇବାର ଶୈଳୀ ଏବଂ ଆଇ କଣ୍ଟାକ୍ଟ ଉପରେ ବିଶେଷ ଧ୍ୟାନ ଦିଅନ୍ତୁ।
* କଥା ହେବା ବେଳେ ସର୍ବଦା ସକାରାତ୍ମକ ମନୋଭାବ ରଖିବା ଜରୁରୀ। ଏହାସହ ବ୍ୟକ୍ତିଙ୍କ ସହ ବିନମ୍ର ଏବଂ ସଭ୍ୟ ବ୍ୟବହାର କରନ୍ତୁ।
* ପ୍ରଥମ ଦେଖାରେ ସର୍ବଦା ଅଧିକ କହିବା ଅପେକ୍ଷା ଶୁଣିବା ଉପରେ ଗୁରୁତ୍ୱ ଦିଅନ୍ତୁ। ବ୍ୟକ୍ତି ଜଣକ କ'ଣ କହିବାକୁ ଚାହୁଁଛନ୍ତି ତାକୁ ବୁଝିବାକୁ ଚେଷ୍ଟା କରନ୍ତୁ।
* ଯଦି କୌଣସି ବିଷୟ ଉପରେ ଆଲୋଚନାଜନିତ ସାକ୍ଷାତକାର ଥାଏ ତେବେ ସେହି ବିଷୟ ଉପରେ ହିଁ ଗୁରୁତ୍ୱ ଦିଅନ୍ତୁ। ଅଯଥା ଅନ୍ୟ ବିଷୟରେ ଗପନ୍ତୁ ନାହିଁ।
* ଏଭଳି କୌଣସି କାର୍ଯ୍ୟ କରନ୍ତୁ ନାହିଁ ଯାହା ଦ୍ୱାରା ବ୍ୟକ୍ତିଙ୍କର ଆପଣଙ୍କ ପ୍ରତି ଏକ ନକାରାତ୍ମକ ଚିନ୍ତାଧାରା ସୃଷ୍ଟି ହେବ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୧୮-୨୪, ୨୦୧୮

**ମେଷ**
ମାନସିକ ଅସ୍ଥିରତା। ଅଭିଳଷିତ ଫଳପ୍ରାପ୍ତି। ଆମୋଦ ପ୍ରମୋଦର ମଉକା। ପଦମର୍ଯ୍ୟାଦା ବୃଦ୍ଧି। ଆତ୍ମୀୟସ୍ୱଜନଙ୍କ ବିରୋଧ। ପଶ୍ଚାତ୍ତାପ କରିପାରନ୍ତି। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଉପରିସ୍ଥଙ୍କ ଚାପ। ଯୁବ ବ୍ୟକ୍ତିଙ୍କ ସହାୟତା। ବନ୍ଧୁ ମିଳନରୁ ଆନନ୍ଦ।

**ବୃଷ**
ଆରୋଗ୍ୟ ଲାଭ। ସରଳବିଶ୍ୱାସରୁ ହଇରାଣ। ବନ୍ଧୁ ପ୍ରତିଶ୍ରୁତି ରଖିବେ। ବିଭିନ୍ନ ସୂତ୍ରରୁ ରୋଜଗାର। ଭୁଲ୍ ଖବରରୁ ବିସ୍ମୟ। ଘଟଣାର ଦିଗ ପରିବର୍ତ୍ତନ। ସାମାଜିକ ସମ୍ମାନ। କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି।

**ମିଥୁନ**
ଆର୍ଥିକ ଉନ୍ନତି। ପ୍ରତୀକ୍ଷିତ ଖବର ପ୍ରାପ୍ତି। ବ୍ୟବସାୟ ସଙ୍କୁଚିତ ହେବ। ଭ୍ରାତୃ ବିବାଦର ସମାଧାନ। ଅତିଥି ଚର୍ଚ୍ଚାରୁ ଆତ୍ମତୃପ୍ତି। କ୍ରୀଡା ଓ ସଂସ୍କୃତିରେ ରୁଚି। ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନି। ପାରିବାରିକ ମନାନ୍ତର।

**କର୍କଟ**
ଭ୍ରମଣଜନିତ କ୍ଲେଶ। ଶାରୀରିକ ଅସୁସ୍ଥତା। ସମ୍ପତ୍ତି ବିବାଦ। ଭୁଲ କାମରୁ ଅନ୍ତର୍ଦ୍ୱନ୍ଦ୍ୱ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା। ମିତ୍ରତା ବନ୍ଧନ। ସମସ୍ୟାର ସମାଧାନ। ପଡୋଶୀଙ୍କ ଉଦାରତା। ରାଜନୈତିକ ପ୍ରତିଷ୍ଠା।

**ସିଂହ**
ଅର୍ଥସଂକଟରୁ କାର୍ଯ୍ୟହାନି। ଅପୂରଣ ଆଶାରୁ ମନଦୁଃଖ। ଗୁରୁଜନଙ୍କ ସାନ୍ତ୍ୱନା। ପ୍ରତୀକ୍ଷିତ ଖବର ପାଇବେ। ଖୁସିଗପର ମଉକା। ଲୋକ ସମ୍ପର୍କ ବଢ଼ିବ। ଟେନସନ୍ ବଢିଯିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**କନ୍ୟା**
ଫଳପ୍ରଦ ଯାତ୍ରା। କାର୍ଯ୍ୟସାଧନରୁ ଆତ୍ମତୃପ୍ତି। ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ। କରଜ କରିବେ। ଶୁଣାଣି ବିଳମ୍ବ। ସମ୍ପର୍କୀୟଙ୍କ ସୌହାର୍ଦ୍ଦ୍ୟ। କିଣାବିକାରେ ଠକାମି। ସ୍ମରଣଶକ୍ତିର ହ୍ରାସ।

**ତୁଳା**
ବନ୍ଧୁ ମିଳନ। ଜନକଲ୍ୟାଣ କର୍ମ। ଖୁସିର ଆସର ଜମିପାରେ। ଶ୍ରଦ୍ଧା ଓ ଅନୁରକ୍ତି ଲାଭ। ଗୃହ ସମସ୍ୟାରୁ ମନସ୍ତାପ। ଆନୁଷ୍ଠାନିକ କାମରୁ ପ୍ରଶଂସା। ସହକର୍ମୀଙ୍କ ଛଳନାତ୍ମକ କଥା। ଯାନ୍ତ୍ରିକ ତ୍ରୁଟିରୁ ବିଳମ୍ବିତ ଯାତ୍ରା। ଧର୍ମକାର୍ଯ୍ୟ ପାଇଁ ପ୍ରେରଣା।

**ବିଛା**
ଅର୍ଥ ଓ ସମ୍ମାନ ପାଇବେ। ଆତ୍ମୀୟଙ୍କ ଅପନିନ୍ଦା। ମନ ଭାରାକ୍ରାନ୍ତ ରହିବ। ସଭାସମିତିରୁ ସୁଫଳ। ଆଶା ଅପୂରଣ ରହିଯିବ। ଟେନ୍ସନ ବଢିବ। ପାରିବାରିକ ସମସ୍ୟା। ଯାତ୍ରାରେ ଅନ୍ୟମନସ୍କତା। ନିମ୍ନାଙ୍ଗରେ ପୀଡା।

**ଧନୁ**
ସୁଯୋଗ ପାଇବେ। ପଡୋଶୀଙ୍କ କ୍ରୋଧ। ନୂତନକର୍ମାରମ୍ଭରେ ପ୍ରତିବନ୍ଧକ। ଧାରକରଜ କରିବେ। ମୂଲ୍ୟବାନ ଜିନିଷ କ୍ରୟ। ଜମିଜମା କାରବାର। ଜିଦ୍‌ଖୋର୍‌ରୁ ଅଶାନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି। ଭ୍ରମଣସୁଖ ମିଳିବ।

**ମକର**
ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି। ଭୁଲ୍ ବୁଝାମଣାରୁ କଳହ। ସରକାରୀ କ୍ଷେତ୍ରରୁ ଲାଭ। ଧର୍ମଚର୍ଚ୍ଚାରେ ମନୋନିବେଶ। ନିଷ୍ପତ୍ତିର ପୁନର୍ବିଚାର। ଯାନବାହନ କ୍ରୟ। ଆନୁଷ୍ଠାନିକ କାମରେ ତତ୍ପରତା। ଅପ୍ରିୟ ସତ୍ୟରୁ ଶତ୍ରୁତା।

**କୁମ୍ଭ**
ଯୋଜନାରେ ସଫଳତା। ପାରିପାର୍ଶ୍ୱିକ ଉଦାସୀନତା। ଆତ୍ମୀୟଙ୍କ ସହାନୁଭୂତି। ବନ୍ଧୁ ଭୁଲ୍ ବୁଝିବେ। ଶିଳ୍ପ, ବାଣିଜ୍ୟରେ ଉନ୍ନତି। କାମରେ ଅଧାପନ୍ତରିଆ। ବ୍ୟୟ ବୃଦ୍ଧି। ବିଶ୍ୱାସ ଭଗ୍ନ ହୋଇପାରେ। ଭଦ୍ରମହିଳାଙ୍କ ସୌଜନ୍ୟତା। ନୂତନ କର୍ମାରମ୍ଭ।

**ମୀନ**
ନିୟନ୍ତ୍ରିତ ସ୍ୱାସ୍ଥ୍ୟ। ବିବାଦୀୟ ମନ୍ତବ୍ୟରୁ କଳହ। ଠକାମିରେ ପଡିପାରନ୍ତି। ପାରିବାରିକ ଅଶାନ୍ତି। ଅର୍ଥ ସାହାଯ୍ୟ ପାଇବେ। ଦୂରଯାତ୍ରା ର ମସୁଧା। ବନ୍ଧୁ ମିଳନରୁ ଆନନ୍ଦ। ବିଦେଶଯାତ୍ରାର ସୁଯୋଗ।

# ଅସୁନ୍ଦର ଚିତ୍ରର ସଂଗ୍ରହାଳୟ



ଅସୁନ୍ଦର ଜିନିଷ ପ୍ରତି ଲୋକମାନଙ୍କର ଏକ ନକାରାତ୍ମକ ଚିନ୍ତାଧାରା ରହିଥାଏ। କିନ୍ତୁ ମାସାଚ୍ୟୁସେଟ୍‌ର ଦେଧାମଠାରେ ରହିଛି ଏଭଳି ଏକ ମ୍ୟୁଜିୟମ ଯାହା ଉଦ୍ଦିଷ୍ଟ କେବଳ ଅସୁନ୍ଦର ଚିତ୍ରକଳା ସକାଶେ। ମ୍ୟୁଜିୟମ ଅଫ୍ ବ୍ୟାଡ୍ ଆର୍ଟ (ମୋବା) ନାମକ ଏହି ମ୍ୟୁଜିୟମରେ ରହିଛି ୬୦୦ରୁ ଊର୍ଦ୍ଧ୍ୱ ଅସୁନ୍ଦର ପେଣ୍ଟିଂ। ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଏହି ପେଣ୍ଟିଂ ସବୁ ସଂଗୃହୀତ ହୋଇ ଏଠାରେ ପ୍ରଦର୍ଶନ କରାଯାଉଛି। ତେବେ ପ୍ରତ୍ୟେକ କଳାକାରଙ୍କ କଳାକୃତିକୁ ସମ୍ମାନଦେବା ଲକ୍ଷ୍ୟନେଇ ଏହି ମ୍ୟୁଜିୟମ ପ୍ରତିଷ୍ଠା କରାଯାଇଥିଲା।



# ପାଠକୀୟ

❖କୌଣସି ଦୈବୀଶକ୍ତିଙ୍କ କୃପାଲାଭ ପାଇଁ ପବିତ୍ର ଶକ୍ତିଶାଳୀ ତନ୍ତ୍ର-ମନ୍ତ୍ର-ଯନ୍ତ୍ରର ଉପଚାରରେ ବିଭିନ୍ନ ମତାବଲମ୍ବୀମାନେ ପୂଜା କରିଥାନ୍ତି। ଏଭଳି ପରମ୍ପରାରେ ବିଶ୍ୱାସ-ଅବିଶ୍ୱାସ ଓ ଅନ୍ଧବିଶ୍ୱାସ ପରି ବହୁ ରହସ୍ୟ-ରୋମାଞ୍ଚକର କାହାଣୀ ରହିଛି। କେତେକ କ୍ଷେତ୍ରରେ ଏହା ବିଜ୍ଞାନସମ୍ମତ। ତେଣୁ ଏଭଳି ଏକ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ତନ୍ତ୍ର'ର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା। 'ରଙ୍ଗୋଲିରେ ସଜାନ୍ତୁ ଘର', 'ଦୀପାବଳି: ବାସ୍ତୁ ଅନୁସାରେ ସଜାନ୍ତୁ ଘର' ଆଦି ପାଠଦୁଇଟିରୁ ଅନେକ କଥା ଶିଖିବାକୁ ମିଳିଲା।

*–ଦୀପକ ମହାନ୍ତି, ଘଟଗାଁ, କେନ୍ଦୁଝର*

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ତନ୍ତ୍ର' ସତରେ ଏକ ହୃଦୟସ୍ପର୍ଶୀ ବିଷୟ ଥିଲା। 'ଦୀପାବଳିର ଘର' ପାଠଟିରୁ ଅନେକ ନୂଆ ନୂଆ କଥା ଜାଣିବାକୁ ମିଳିଲା। ଭାରତୀୟ ନାଟ୍ୟ ସାହିତ୍ୟକୁ ଉଚ୍ଚକିତ କରିଥିବା ଜଣେ ମହାନ୍ ବ୍ୟକ୍ତିତ୍ୱ ହେଲେ ବାଦଲ ସରକାର। ତାଙ୍କର ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିଥିଲା ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ। ଅନ୍ୟପକ୍ଷେ ସୃଜନ ପୃଷ୍ଠାରେ ସ୍ଥାନିତ 'ସକାଳ-ସନ୍ଧ୍ୟା-ଦିନ-ଜହ୍ନରାତି' ନାମକ ଗପଟି ମୋ ମନକୁ ବେଶ୍ ଛୁଇଁପାରିଥିଲା।

*–ରୋଜାଲିନ୍ ନିଶଙ୍କ, ବଳିଆପଣ୍ଡା, ପୁରୀ*

❖ସିନେମା ପୃଷ୍ଠାରେ ସ୍ଥାନିତ 'ବୁଝି ପାରୁନାହାନ୍ତି ସ୍ୱରା', 'ଝୁରି ହେଉଛନ୍ତି ପ୍ରିୟଙ୍କା', 'ବାହା ହେବେ ପ୍ରଭାସ' ଆଦି ପାଠଗୁଡ଼ିକ ମୋ ମନ କିଣିନେଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ସ୍ତମ୍ଭକାର ତଥା ନିମାପଡା ତହସିଲଦାର କମଲଜିତ୍ ଦାସଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢିଲି, ମୋତେ ବହୁତ ଭଲ ଲାଗିଲା ଏହି ଲେଖାଟି। ପଟୌଦୀ ପାଲେସ୍‌ର ଫଟୋଟି ଖୁବ୍ ଆକର୍ଷଣୀୟ ହୋଇଥିଲା।

*–ପ୍ରଦୋଷ ସାହୁ, ଆଳି, କେନ୍ଦ୍ରାପଡା*

❖ମଡେଲ୍ ମିର୍‌ରରେ ଶ୍ରଦ୍ଧା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର୍ ଥିଲା। ସହର ପୃଷ୍ଠାରୁ ଦେବୀ ସିଦ୍ଧ ଭୈରବୀଙ୍କ ବିଷୟରେ ଅନେକ ରୋଚକପୂର୍ଣ୍ଣ କଥା ଜାଣିବାକୁ ମିଳିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ରଙ୍ଗୋଲିର ଯାଦୁକର' ଏବଂ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ଗୋଲ କିପିଂରେ ଏକ୍ସପର୍ଟ କୁକୁର', 'କେକ୍‌ରେ ଜଳିଲା ୭୨,୫୮୫ କ୍ୟାଣ୍ଡେଲ୍' ଇତ୍ୟାଦି ପାଠଗୁଡ଼ିକ ମୋ ମନ କିଣିନେଲା।

*–ମନ୍ଦାକିନୀ ପଣ୍ଡା, ଗ୍ୟାରେଜ୍ ଛକ, ଭୁବନେଶ୍ୱର*

❖ଯାତ୍ରା ପୃଷ୍ଠାରୁ 'ଆକ୍ସନ ଷ୍ଟାର ବାପିଙ୍କ ସହ କେମିଷ୍ଟ୍ରି ଭଲ ଜମେ' ଏବଂ 'ଟ୍ରାଜେଡି ପ୍ରିୟ ଅଭିନେତା' ଇତ୍ୟାଦି ପାଠଦୁଇଟିକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା। 'ବର୍ଗର୍ ଦାମ୍ ୧୦ ହଜାର ଡଲାର' ନାମକ ପାଠଟି ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–କିଶୋର ସାହୁ, ଯାଜପୁର ଟାଉନ୍*



## ବିଶେଷ ଚିଠି

ଛୁଟିଦିନ ମଧ୍ୟେ କି ଜ୍ଞାନ ଅଛି
ପାଠକଲା ଲୋକ ସିନା ବୁଝୁଛି।
ପାଠକ ପାଠିକା ରୁଚିକୁ ଦେଖି
ଲେଖାମାନ ତୋର ହୃଦୟ ଲାଖି।
ଐତିହ୍ୟ ପରମ୍ପରାରେ ରହିଛି ନିଷ୍ଠା
ଜଣା ଅଜଣାରେ ଷୋହଳଟି ପୃଷ୍ଠା।
ଭିନ୍ନ ଭିନ୍ନ ଜାଗା ବୁଲାଇ ନେଉ
ମନୋରଞ୍ଜନ ସହ ଶିକ୍ଷା ତୁ ଦେଉ।
ଚେତନାଧର୍ମୀ ଲେଖାରେ ମଜି
ଓହ୍ଲାଇ ଆସୁତୁ ଦେବଦୂତ ସାଜି।

*–ଦେବପ୍ରସାଦ ଜେନା, ଇଟାମାଟି, ନୟାଗଡ଼*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ମାଟି କୁଡୁଆ

**ବିଭିନ୍ନ ମନ୍ଦିରରେ ପ୍ରସାଦ ପାଇଁ ବ୍ୟବହାର କରାଯାଏ ମାଟି କୁଡୁଆ, ଯାହାକୁ ପବିତ୍ର ପାତ୍ର ବୋଲି କୁହାଯାଉଥିବାବେଳେ ଏଥିରେ ଖାଦ୍ୟ ରନ୍ଧା ହେଲେ ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟୋପଯୋଗୀ ମଧ୍ୟ ହୋଇଥାଏ...**

ଶ୍ରୀକ୍ଷେତ୍ର ପୁରୀ ଶୈବ, ଶାକ୍ତ, ଗାଣପତ୍ୟ ଓ ବୈଷ୍ଣବ ଆଦି ସମସ୍ତ ଧର୍ମଧାରଣାର ମିଳନ ପୀଠ । କପିଳ ସଂହିତାରେ – ଶ୍ରୀକ୍ଷେତ୍ର ମର୍ତ୍ତ୍ୟର ବୈକୁଣ୍ଠ ବୋଲି ପରିକଳ୍ପନା କରାଯାଇଥିବା ବର୍ଣ୍ଣିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ବହୁ ବୈଚିତ୍ର୍ୟମୟ । ମହାପ୍ରଭୁଙ୍କ ମହାପ୍ରସାଦ ସକଳ ବସ୍ତୁଙ୍କ ମଧ୍ୟରେ ଶ୍ରେଷ୍ଠ ଓ ଶୁଭଙ୍କର । ତେବେ ମହାପ୍ରସାଦ ପ୍ରସ୍ତୁତି ପାଇଁ ଆବଶ୍ୟକ ପଡ଼ିଥାଏ ମାଟିପାତ୍ର ବା ମାଟି କୁଡୁଆ ।

**ଶ୍ରୀମନ୍ଦିରରେ ମାଟିହାଣ୍ଡି, କୁଡୁଆ:** ମହାପ୍ରଭୁଙ୍କ ସେବାଲାଗି ସୁନାରୁପା ଆଦି ବିଭିନ୍ନ ଧାତୁରେ ପ୍ରସ୍ତୁତ ପାତ୍ର ଥିଲେ ବି ମାଟିପାତ୍ରରେ ଭୋଗସେବା ବ୍ୟବସ୍ଥା ହୋଇଥାଏ । ରାଜା ତୃତୀୟ ଅନଙ୍ଗଭୀମ ଦେବଙ୍କ ସମୟରୁ ଶ୍ରୀମନ୍ଦିରରେ ଶଙ୍ଖୁଡ଼ି ଭୋଗ ପ୍ରଚଳନ ହେବା ପରେ ମହାପ୍ରସାଦ ପାଇଁ ମାଟିହାଣ୍ଡି, କୁଡୁଆର ଆବଶ୍ୟକତା ପଡ଼ିଥିଲା । ସେବେଠାରୁ ଅଦ୍ୟାବଧି ଶ୍ରୀମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତି ନିମନ୍ତେ କୁମ୍ଭକାରମାନଙ୍କ ଦ୍ୱାରା ପ୍ରସ୍ତୁତ ମାଟି କୁଡୁଆ, ହାଣ୍ଡି ଜରୁରୀ ହୋଇପଡ଼ିଛି ।

**ପୁରାଣରେ କୁଡୁଆ:** ଭକ୍ତକବି ଦୀନକୃଷ୍ଣ ଦାସଙ୍କ ରଚିତ କୁରାଳ ପୁରାଣରେ ବର୍ଣ୍ଣନା ଅନୁଯାୟୀ ସୃଷ୍ଟି ପ୍ରାରମ୍ଭରେ ଭଗବାନ ବିଷ୍ଣୁ ପାକଖାଦ୍ୟ ପ୍ରସ୍ତୁତି ନିମନ୍ତେ କୁମ୍ଭକାରମାନଙ୍କୁ ସୃଷ୍ଟି କରିଥିଲେ । ବିଶ୍ୱର ପ୍ରଥମ କୁମ୍ଭକାର ହେଲେ ବିଷ୍ଣୁ ପୁତ୍ର ରୁଦ୍ରପାଳ । ମାଟିପାତ୍ର ନିର୍ମାଣ ନିମନ୍ତେ ଶ୍ରୀବିଷ୍ଣୁ ରୁଦ୍ରପାଳଙ୍କୁ ଆୟୁଧ ସ୍ୱରୂପ ଶଙ୍ଖ, ଚକ୍ର, ଗଦା, ପଦ୍ମ ଓ ଗୋଟିଏ ଖିଅ ପଇତା ପ୍ରଦାନ କରିଥିଲେ । ହିନ୍ଦୁ ପୂଜା ପରମ୍ପରାରେ ମାଟିକଳସ ପୂଜା କରାଯାଏ । ଶ୍ରୀମନ୍ଦିରରେ ମହାପ୍ରଭୁ କେବଳ ମାଟି ହାଣ୍ଡିରେ ପ୍ରସ୍ତୁତ ମହାପ୍ରସାଦ ମଣୋହିକରି ପରମତୃପ୍ତି ଲାଭ କରିଥାନ୍ତି । ଏଥିପାଇଁ କୁମ୍ଭକାରମାନେ ଶ୍ରୀମନ୍ଦିରକୁ ହାଣ୍ଡି, କୁଡୁଆ ଯୋଗାଇଥାନ୍ତି ।

**ମାଟି କୁଡୁଆ ତିଆରି :** ଶ୍ରୀମନ୍ଦିରରେ ବ୍ୟବହୃତ ହାଣ୍ଡି , କୁଡୁଆ ଏକ ବିଶେଷ ପଦ୍ଧତିରେ ତିଆରି ହୁଏ । ଏଗୁଡ଼ିକର ରଙ୍ଗ ଲାଲ ଓ ପରମ୍ପରା ଅନୁଯାୟୀ ନିର୍ଦ୍ଧାରିତ ହୁଏ । ଏହି ହାଣ୍ଡି ପ୍ରସ୍ତୁତ କରୁଥିବା କୁମ୍ଭକାର ଶୁଦ୍ଧପୂତ ଭାବେ ମାଟିପାତ୍ର ତିଆରି କରନ୍ତି । ମାଟିପାତ୍ର ଗଢିବା ପାଇଁ କୁମ୍ଭାର –କାରିଗରଙ୍କ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ରହିଛି । ନିଇତି



କଞ୍ଚାମାଟିକୁ ଦଳିଚକଟି ସ୍ୱତନ୍ତ୍ର ସ୍ଥାନରେ ରଖନ୍ତି । ସେହି ମାଟିରେ ଆବଶ୍ୟକ ପରିମାଣର ବାଲି ମିଶାଇ ଚକଟା ହୋଇଥାଏ । ଏମିତି କି ସକାଳୁ ଅନିର୍ଦ୍ଦିଷ୍ଟ ବେଳଯାଏ ଏହି କାମ ଚାଲେ । ପୁଣି ଚକଟାମାଟିକୁ ମାଟିପିଣ୍ଡି ବା ଗୋଳା କରାଯାଇ ଗୋଡ଼ି ବଛା ଯାଇଥାଏ । ମାଟିପାତ୍ର ଗଢିବା ପୂର୍ବରୁ କଞ୍ଚାପାଗ ମାଟିକୁ କୁମ୍ଭାର ଚକରେ ରଖି ସେହି ଚକକୁ ଘୂରାଇଥାଏ । ଦିନକ ମଧ୍ୟରେ ଜଣେ ପ୍ରାୟ ୩୦ରୁ /୫୦ଟି କୁଡୁଆ, ମାଠିଆ କିମ୍ବା ହାଣ୍ଡି ଗଢିପାରିଥାଏ । ଅନ୍ୟପକ୍ଷେ କୁମ୍ଭାର –କାରିଗରଙ୍କ ହାତର ସ୍ପର୍ଶରେ ବିଭିନ୍ନ ପ୍ରକାର ମାଟି ସାମଗ୍ରୀ ଗଢାହୋଇଯିବା ପରେ ସେଗୁଡ଼ିକୁ ଅଳ୍ପଖରାରେ କିଛି ସମୟ ପାଇଁ ଶୁଖାଯାଇଥାଏ । ଯେପରି କି ମାଟି ପାତ୍ର ଗୁଡ଼ିକ ଅଳ୍ପ ଓଦା ରହିବ । ପରେ ପିଣ୍ଡ, ପିଟଣା ଓ ଗେଣ୍ଡା ସାହାଯ୍ୟରେ ସେହି କଞ୍ଚାମାଟି ପାତ୍ରକୁ ମସୃଣ କରାଯାଇଥାଏ । ଏହାପରେ କୁମ୍ଭାରଶାଳ ବା ଭାଟିରେ କଞ୍ଚାପାତ୍ରଗୁଡ଼ିକୁ ସଜଡ଼ାଯାଇ ପୋଡ଼ା ଯାଇଥାଏ । କୁମ୍ଭକାର ଲୋକଙ୍କ ବିଶ୍ୱାସ ରହିଛି – ଭଗବାନଙ୍କ ସୁଦର୍ଶନ ଚକ୍ରର ପ୍ରତିରୂପ ଆମ୍ଭର ଏହି ଚକ । ଶଙ୍ଖର ପ୍ରତିରୂପ ଗେଣ୍ଡା । ଗଦାର ପ୍ରତିରୂପ ଭାବେ ପିଟଣ । ପଦ୍ମର ପ୍ରତିରୂପଭାବେ ପିଣ୍ଡକୁ ନେଇ କୌଳିକବୃତ୍ତି ଚାଲିଛି ।

**ମାଟିକୁଡୁଆର ଗାଁ:** ଶ୍ରୀମନ୍ଦିର ସେବା ଲାଗି ବ୍ୟବହୃତ ମାଟିକୁଡୁଆ, ହାଣ୍ଡିକୁ କେଉଁ ଆବହମାନ କାଳରୁ କୁମ୍ଭକାରମାନେ ଶ୍ରୀମନ୍ଦିରକୁ ଦେଇ ଆସୁଛନ୍ତି । ଶ୍ରୀମନ୍ଦିରରେ ମହାପ୍ରସାଦ ବିକ୍ରି ପାଇଁ ବିଭିନ୍ନ ପ୍ରକାର ଓଳିଠାରୁ ଆରମ୍ଭ କରି କୁଡୁଆ ପର୍ଯ୍ୟନ୍ତ ମାଟିର ପାତ୍ର ତିଆରି ହୋଇଥାଏ । ବିଶେଷକରି ପାରମ୍ପରିକ ଭାବେ ଶ୍ରୀକ୍ଷେତ୍ରରେ ୪ମୌଜା ଯଥା –କୁମ୍ଭାରପଡ଼ା, ଜେନାପୁର, ଟିକରପଡ଼ା, ନୂଆସାହି ସାମିଲ ଜଗନ୍ନାଥ ପାଟଣାରେ ବସବାସ କରୁଥିବା କୁମ୍ଭକାର ପରିବାରର ସଦସ୍ୟମାନେ ଶ୍ରୀମନ୍ଦିରକୁ ଆବଶ୍ୟକ ମାଟିପାତ୍ର ଯୋଗାଇ ଥାନ୍ତି । ଅନ୍ୟପକ୍ଷେ–ପାର୍ବତୀପୁର, ଗୋପାଳପୁର, ଚାରିନଳା,ଜଗଦଳପୁର ଆଦି ଗାଁ ରହିଛି । ଏପରି କି ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ, ଶ୍ରାଦ୍ଧ ଓ ଶୁଦ୍ଧିକାର୍ଯ୍ୟରେ ବି ମାଟିପାତ୍ରର ଆବଶ୍ୟକତା ପଡ଼ିଥାଏ ।

**ହାଣ୍ଡି,କୁଡୁଆର ନାଁ:** ଶ୍ରୀମନ୍ଦିର ସ୍ୱତ୍ୱଲିପି ଧାରାରେ କୁମ୍ଭାର, ବିଶୋଇ ସେବା ସମ୍ପର୍କରେ ଉଲ୍ଲେଖ ରହିଛି । ସେମାନଙ୍କ ଦ୍ୱାରା କୋଠଭୋଗସେବା, ମକର ସଂକ୍ରାନ୍ତିରେ ମକରତାଡ଼ ସେବା ଓ ସାତପୁରି ତାଡ଼ ଯୋଗାଇଦେବା ସେବା ରହିଛି । –ଅନ୍ନ କୁଡୁଆ, ଢଳାକୁଡୁଆ, ନମ୍ବରୀ, ବଡ଼ମଠ କୁଡୁଆ, ସାନମଠ କୁଡୁଆ, ଦେଉଳି କୁଡୁଆ, ଦାସିଆ କୁଡୁଆ, ସମାଧିହାଣ୍ଡି, ବାଇହାଣ୍ଡି, ଦୀପ, ଓଳି, ସରା, ତାଡ଼ ଆଦି ମାଟିପାତ୍ର ରହିଛି । କୁମ୍ଭକାର ନିଯୋଗ ସଦସ୍ୟ ମହେନ୍ଦ୍ର ବିଶୋଇ କୁହନ୍ତି, ସେବା ସମର୍ପଣ ଭାବ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମଣୋହି ନିମନ୍ତେ କୁମ୍ଭକାରମାନେ ହାଣ୍ଡି, କୁଡୁଆକୁ ଶ୍ରୀମନ୍ଦିର ସେବାରେ ଯୋଗାଇ ନିଜର କୌଳିକବୃତ୍ତିକୁ ବଜାୟ ରଖିଛନ୍ତି ଏବଂ ଆନନ୍ଦ ବଜାରରେ ଶ୍ରଦ୍ଧାଳୁ ଭକ୍ତମାନେ ମାଟି କୁଡୁଆରେ ଅବଢ଼ା ପାଆନ୍ତି ।

**ଶ୍ରୀମନ୍ଦିରରେ ଦୈନିକ ମାଟିପାତ୍ର:** ଶ୍ରୀମନ୍ଦିରରେ ଦୈନିକ କୋଠଭୋଗ ପାଇଁ ଥାଳିକୁଡୁଆ, ଅଙ୍ଗବାସଓଳି, ଟିପେଇ, ହାଣ୍ଡି, ତାଡ଼, ପାହାନ୍ତି, ଅଧା, ସାନଓଳି, ପୁଳିସରା, ପାଳିସରା, ବଢା, କଟାସରା, ଦ୍ୱିପାଳି, ମାଟିମେଞ୍ଚା ଆଦି ମାଟିପାତ୍ରକୁ କୁମ୍ଭାରମାନେ ଯୋଗାଇଥାନ୍ତି ।

**ରୋଷଶାଳା:** ମହାପ୍ରସାଦର ମହିମା ସମ୍ପର୍କରେ ଶାସ୍ତ୍ର, ପୁରାଣରେ ବର୍ଣ୍ଣିତ ହୋଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନକଲେ ଯେପରି ମୁକ୍ତି ମିଳେ ମହାପ୍ରସାଦ ପାଇଲେ ମଧ୍ୟ ମୁକ୍ତିମିଳେ । ଏହି ମହାପ୍ରସାଦ ଶ୍ରୀମନ୍ଦିରର ରୋଷଶାଳାରେ ଶ୍ରୀମନ୍ଦିର ରୀତିନୀତି ଅନୁସାରେ ବୈଦିକମନ୍ତ୍ରରେ ନୈବେଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ । ତାହା ସ୍ୱତନ୍ତ୍ର ବିଧିବିଧାନରେ କରାଯାଇଥାଏ । ରୋଷଶାଳାରେ ପ୍ରଥମେ ବ୍ୟବହୃତ ମାଟିପାତ୍ର ପରେ ଦ୍ୱିତୀୟ ଥର ପାଇଁ ବ୍ୟବହୃତ ହୁଏନାହିଁ । ରୋଷଶାଳାରେ ସ୍ୱତନ୍ତ୍ର ଶୈଳୀରେ ଚୁଲିର ନିର୍ମାଣ ହୋଇଥାଏ । ମାଟିପାତ୍ରରେ ପ୍ରସାଦ ଓ ମହାପ୍ରସାଦ ରଖାଯିବାର ବ୍ୟବସ୍ଥା ହୋଇଥାଏ । ଶ୍ରୀମନ୍ଦିରରେ ପ୍ରତିଦିନ ନୂଆ ମାଟିପାତ୍ରରେ ରୋଷେଇ ହୁଏ । ମାଟିକୁଡୁଆକୁ ଭାଙ୍ଗି ସେଥିରେ ମହାପ୍ରସାଦ ପାଇବାର ସୁବିଧା ହୋଇଥାଏ । ଅନ୍ୟ କୌଣସି ପାତ୍ରର ଆବଶ୍ୟକତା ପଡ଼େନା ।





**ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବ୍ୟଞ୍ଜନ :** 'ଧରିତ୍ରୀ' ପ୍ରକାଶିତ ଦାରୁଦିଅଁ ନବକଳେବର-୨୦୧୫ ପୁସ୍ତକରେ ଉଲ୍ଲେଖ ରହିଛି -ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବ୍ୟଞ୍ଜନ ପ୍ରସ୍ତୁତ ନିମନ୍ତେ ରାଜା ଦିବ୍ୟସିଂହଦେବ(୧୬୮୭-୧୭୧୩)ଏକ ପାକଶାଳାର ବ୍ୟବସ୍ଥା କରିଥିଲେ। ଏହି ପାକଶାଳାଟି ମାଙ୍କଡ଼ାପଥରରେ ନିର୍ମିତ ଓ ଏହା ଚତୁଃଷ୍କୋଣୀ କ୍ଷେତ୍ର। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁସାରେ ରୋଷଶାଳାରେ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ଚୁଲା ରହିଛି। ସୂପକାର ଓ ଯୋଗାଣିଆ ସହଯୋଗୀଙ୍କ ଦ୍ୱାରା ବିବିଧ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ। ଶଙ୍କରାନନ୍ଦ ମଠ, ଗଙ୍ଗାମାତା ମଠ, କୌଶଲ୍ୟାଦାସ ମଠ, ସାତପୁରୀ ମଠ, ବଡ଼ସନ୍ଥ ମଠ, ଶ୍ରୀରାମଦାସ ମଠ, ଲକ୍ଷ୍ମୀଭଦ୍ର ମଠ,ପଞ୍ଜାବୀ ମଠ, ବଉଳ ମଠ, ଜଗନ୍ନାଥ ବଲ୍ଲଭ ମଠ, ରାଘବ ଦାସ ମଠ, ରାଧାକାନ୍ତ ମଠ, ବଡ଼ଝାଡୁ ମଠ, ଓଡ଼ିଆ ମଠ, ଆଚାରୀ ମଠ, ମହୀପ୍ରକାଶ ମଠ, ତ୍ରିମାଳି ମଠ, ବାବାଜୀ ମଠ, ଉତ୍ତରପାର୍ଶ୍ୱ ମଠ ଆଦି ନାମରେ ଚୁଲି କରାଯାଇ ସେଥିରେ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ। ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିମନ୍ତେ ପ୍ରସ୍ତୁତ ହେଉଥିବା ଭୋଗକୁ ସାଧାରଣତଃ ୫୬ ପ୍ରକାରର ବୋଲି ନିରୂପଣ କରାଯାଇଛି। ଏହି ଛପନପ୍ରକାର ବ୍ୟଞ୍ଜନକୁ ମୁଖ୍ୟତଃ ୨ ଭାଗରେ ବିଭକ୍ତ କରାଯାଇଥାଏ। (୧)ସଙ୍ଖୁଡ଼ି ଭୋଗ (୨) ନିସଙ୍ଖୁଡ଼ି ଭୋଗ ବ୍ୟଞ୍ଜନ ପ୍ରସ୍ତୁତ ହୁଏ। ଏହି ଭୋଗରେ ଅନ୍ନ, ଡାଲି, ବେସର, ଶାଗ, ପିତା, ଖଟା ଆଦିକୁ ସଙ୍ଖୁଡ଼ି ଭୋଗ କୁହାଯାଏ। ଇତିହାସରୁ ଜଣାଯାଏ ତ୍ରୟୋଦଶ ଶତାବ୍ଦୀର ୨ୟ ଦଶକ ଅର୍ଥାତ୍ ୧୨୧୬ରେ ଶ୍ରୀମନ୍ଦିରରେ ସଙ୍ଖୁଡ଼ି ଭୋଗର ପ୍ରଚଳନ କରାଯାଇଥିଲା। ଶ୍ରୀମନ୍ଦିର ମଧ୍ୟରେ ଥିବା ଗଙ୍ଗା ଓ ଯମୁନା କୂଅର ଜଳରେ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ। । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଅର୍ପଣ କରାଯାଉଥିବା ବ୍ୟଞ୍ଜନ ସ୍ୱୟଂ ମହାଲକ୍ଷ୍ମୀଙ୍କ ଦ୍ୱାରା ବୈଷ୍ଣବାଗ୍ନିରେ ପ୍ରସ୍ତୁତ କରାଯାଇଥାଏ(ସ୍କନ୍ଦପୁରାଣ)ରେ ବର୍ଣ୍ଣିତ। ମହାଲକ୍ଷ୍ମୀଙ୍କୁ ସମସ୍ତ ବ୍ୟଞ୍ଜନର ପାଚିକା ଏବଂ ସ୍ୱୟଂ ଜନାର୍ଦ୍ଦନଙ୍କୁ ଶ୍ରେଷ୍ଠ ଭୋକ୍ତାଭାବେ ପଦ୍ମପୁରାଣରେ ଉଲ୍ଲେଖ ହୋଇଛି।

**ବିଶ୍ୱରେ ବିସ୍ମୟ:**କୁଡୁଆକୁ ନେଇ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଏକ ଲୋକକଥା ରହିଛି । ଏକା ଠେଙ୍ଗାରେ ଭାଙ୍ଗିଲା ସହସ୍ରହାଣ୍ଡି। ଏହା ହେଉଛି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ବିଜୟ କରି ଆସିବା ବେଳର କଥା। ସାକ୍ଷୀଗୋପାଳରେ ପୂଜିତ ଶ୍ରୀଗୋପାଳ ବିଗ୍ରହଙ୍କୁ କାଞ୍ଚି ବିଜୟ ପରେ ଗଜପତି ପୁରୀକୁ ନେଇ ଆସିଥିଲେ । ପ୍ରଥମେ ସେ ଶ୍ରୀମନ୍ଦିର ବେଢାରେ ଓ ପରେ କଟକର ବାରବାଟୀ ଦୁର୍ଗରେ ରହି ପୂଜା ପାଇଥିଲେ। ବିଧର୍ମୀଙ୍କ ଆକ୍ରମଣର ଖବରପାଇ ତାଙ୍କୁ ଖୋରଧା ଗଡ଼ର ଗୋପାଳମନ୍ଦିରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଆକ୍ରମଣ ଆଶଙ୍କା ଦେଖାଦେବାରୁ ଭୂଷଣ୍ଡପୁର ନିକଟ କନ୍ତଳବାଇଗଡ଼କୁ ନିଆଯାଇଥିଲା। ସେଠାରୁ ଆସି ସତ୍ୟବାଦୀରେ ପୂଜା ପାଇବା ପରେ ପ୍ରସାଦ ପ୍ରସ୍ତୁତ ପାଇଁ ଗଜପତିଙ୍କ ଆଦେଶରେ ମହାପ୍ରଭୁଙ୍କ କୁମ୍ଭକାର ସେବକ ବିଭିନ୍ନ ଆକୃତିର ୧ହଜାର କୁଡୁଆ ନେଇ ସେଠାରେ ପହଞ୍ଚିଥିଲେ। କିନ୍ତୁ ବିଚାର ବିମର୍ଶ ପରେ ପ୍ରସାଦ ପ୍ରସ୍ତୁତ ବନ୍ଦ ହେବାରୁ ଗଜପତିଙ୍କ ଆଦେଶରେ ସେହି ସେବକ ଗୋଟିଏ ଠେଙ୍ଗାରେ ହଜାର କୁଡୁଆକୁ ଭାଙ୍ଗିଦେଇଥିଲେ। ଶ୍ରୀମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତିରେ କୁଡୁଆର ଯେଉଁ ଗୁରୁତ୍ୱ ରହିଥିଲା ତାହା ହ୍ରାସ ନ ହେବା ପାଇଁ ସଦାବେଳେ ପ୍ରଚେଷ୍ଟା ହୋଇଆସୁଛି। କୁଡୁଆରେ ପ୍ରସ୍ତୁତ ଭୋଗ ପ୍ରସାଦ ସମ୍ପୂର୍ଣ୍ଣ ବିଜ୍ଞାନ ସମ୍ମତ। ଏହା ବହୁଥର ପ୍ରମାଣିତ ହୋଇସାରିଛି। ମହାପ୍ରସାଦର ସ୍ୱାଦ ପଛରେ ଏହି ମାଟି କୁଡୁଆର ଭୂମିକା ରହିଛି। ପ୍ରତିଦିନ ଶ୍ରୀମନ୍ଦିରରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ପାଇଁ ମାଟିହାଣ୍ଡି, କୁଡୁଆରେ ଭୋଗ ବ୍ୟବସ୍ଥା ବିଶ୍ୱରେ ବିସ୍ମୟ !

**କୁଡୁଆରେ ପ୍ରସାଦ ପାଇବା ପାଇଁ ଭିଡ଼ଜମେ:** ଅନ୍ୟମାସ ଅପେକ୍ଷା ପବିତ୍ରକାର୍ତ୍ତିକ ମାସରେ ବିଭିନ୍ନ ମନ୍ଦିରରେ ପ୍ରସାଦ ସେବନ ପାଇଁ ଲୋକଙ୍କ ଭିଡ଼ ଜମେ। ମାତ୍ର ଅବଢ଼ା ରୋଷେଇ ହେଉଥିବା କୁଡୁଆଗୁଡିକ ପାଇଁ ପୁରୀ କୁମ୍ଭାରପଡ଼ା ଉପରେ ନିର୍ଭର କରିବାକୁ ପଡ଼େ। କଟକ ସହରରେ ଥିବା ମନ୍ଦିରଗୁଡିକ ମଧ୍ୟରୁ ଚାନ୍ଦିନୀଚୌକ ଏବଂ ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିରର ଅବଢା ମିଳିଥାଏ। ଯେଉଁଠି ଗୋଟିଏ ଟ୍ରିପ କୁଡୁଆ ସପ୍ତାହେ ପର୍ଯ୍ୟନ୍ତ ଯାଏ କିନ୍ତୁ କାର୍ତ୍ତିରେ ମାସରେ ସପ୍ତାହକୁ ଦୁଇ ଟ୍ରିପ କୁଡୁଆ ବରାଦ କରାଯାଏ। କୁମ୍ଭାରପଡାରେ ନିର୍ମିତ କୁଡୁଆର ବେଶ୍ ଚାହିଦା ରହିଛି। କୁଡୁଆଗୁଡିକର ଆକାର ଏବଂ ପ୍ରକାର ଭେଦ ଅନୁଯାୟୀ ମାଟିକୁଡୁଆର ବିଭିନ୍ନ ନାଁ ରହିଛି। ତେବେ ଗୋଟିଏ ଟ୍ରିପରେ ହଜାରରେ ଅଧିକ କୁଡୁଆ କୁମ୍ଭାରପଡାରୁ ଆସିବା ଖର୍ଚ୍ଚ ପ୍ରାୟ ୨୫ ହଜାରରୁ ୩୦ ହଜାର ମଧ୍ୟରେ ପଡେ। ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିରରେ କୁଡୁଆରେ ହିଁ ସର୍ବସାଧାରଣଙ୍କ ବିକ୍ରୟ ଉଦ୍ଦେଶ୍ୟରେ ରୋଷଶାଳାରେ ପ୍ରସ୍ତୁତ ହୁଏ। ମନ୍ଦିରର ଅବଢା ବଣ୍ଟନ ଦାୟିତ୍ୱରେ ଥିବା ସରୋଜ ମୂଳିଆ କୁହନ୍ତି, ଏକସଙ୍ଗେ କୁଡୁଆ ଉପରେ କୁଡୁଆ ଥୁଆହୋଇ ଏହି ରୋଷେଇ ପ୍ରସ୍ତୁତ କରାଯାଏ। ସାଧାରଣତଃ ଘରକୁ ଅବଢା ନେଲାବେଳେ କିଛି ଲୋକେ ଟିଫିନ ଏବଂ କ୍ୟାରିବ୍ୟାଗ ବଦଳରେ କୁଡୁଆରେ ନେବାକୁ ବେଶି ଆଗ୍ରହ ଦେଖାଉଛନ୍ତି। ସେହିପରି ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପ୍ରସାଦ ବ୍ୟବସ୍ଥା ତଦାରଖ କରୁଥିବା ଅଜୟ କୁମାର ଦାସ କୁହନ୍ତି, ଏଠାର ମନ୍ଦିରରେ ଠାକୁରଙ୍କ ପାଇଁ କେବଳ ଅବଢା ରୋଷେଇ ହୁଏ । ଅନ୍ୟ ସବୁ ପ୍ରସାଦ ଅନ୍ୟ ପାତ୍ରରେ ପ୍ରସ୍ତୁତ ହୋଇ ପ୍ରସାଦରେ ମିଶେ । କିନ୍ତୁ କୁଡୁଆ ରେ ରୋଷେଇ ହୋଇ ପ୍ରସ୍ତୁତ ହେଉଥିବା ଅବଢାର ଏକ ସ୍ୱତନ୍ତ୍ର ସ୍ୱାଦ ଥାଏ। ଚାନ୍ଦିନୀଚୌକକୁ ଆସିଥିବା ଏକ ବଙ୍ଗୀୟ ପରିବାର କୁହନ୍ତି ଓଡିଶାରେ ବହୁ ଦିନ ଧରି ରହିଲୁଣି। ମନ୍ଦିର ପ୍ରସାଦ ପରମ୍ପରା ବହୁ ବର୍ଷ ଦେଖି ଆସୁଛୁ। ଏଥିପ୍ରତି ଲୋକଙ୍କ ମଧ୍ୟରେ ଆଗ୍ରହ କମିନାହିଁ। ଆୟୁର୍ବେଦିକ ଡାକ୍ତର ସୀମା ସାହୁ କୁହନ୍ତି, କୁଡୁଆରେ ପ୍ରସ୍ତୁତ ଅବଢା ଖାଇବାରେ ଖାଲି ଧର୍ମୀୟ ଭାବନା କାହିଁକି ସ୍ୱାସ୍ଥ୍ୟ ପ୍ରତି ମଧ ଏହା ବେଶ୍ ଭଲ। ସାଧାରଣତଃ କୁଡୁଆରେ ପ୍ରସ୍ତୁତ ଅବଢା ଖାଇଲେ ପେଟ ରୋଗଜନିତ ସମସ୍ୟା ହେବାର ସମ୍ଭାବନା ଖୁବ୍ କମ। ଅବଢା ବ୍ୟବହାର ହେଉଥିବା ପନିପରିବା ମାଟି କୁଡୁଆରେ ଭଲଭାବେ ସିଝିଥାଏ, ଯାହା ଖାଦ୍ୟକୁ ସୁସ୍ୱାଦୁ କରିବାରେ ସାହାଯ୍ୟ କରେ। ମାଟିପାତ୍ର ବା କୁଡୁଆ ତାପ କୁପରିବାହୀ ଉତ୍ତାପ ବହୁ ସମୟ ଧରି ରହେ। ସେହିପରି ଭୁବନେଶ୍ୱରର ଶ୍ରୀଅନନ୍ତ ବାସୁଦେବଙ୍କ ମନ୍ଦିରରେ ମାଟି କୁଡୁଆରେ ପ୍ରସାଦ ରନ୍ଧନ ହୋଇଥାଏ । ଅନ୍ୟପକ୍ଷେ ଓଡ଼ିଶାର କେତେକ ମନ୍ଦିରରେ ବଡ଼ବଡ଼ ପିତଳହାଣ୍ଡିରେ ପ୍ରସାଦ ରନ୍ଧନ ହେବାପରେ ମାଟିକୁଡୁଆରେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳେ।

**-ବନବିହାରୀ ବେହେରା, ହେମନ୍ତ କୁମାର ନାୟକ,**
**ସୌମ୍ୟରଞ୍ଜନ ଚୌଧୁରୀ ଫଟୋ: କୁମାର ଶରତ**





# ଧର୍ମଘଟ

**ମାନସ କୁମାର ପାଢ଼ୀ**

ଘଟଣାଟିର ଧର୍ମ ସହିତ କୌଣସି ସମ୍ପର୍କ ନଥିଲା । କିନ୍ତୁ ତାକୁ ଧର୍ମଘଟ ବ୍ୟତୀତ ଅନ୍ୟ କିଛି କହି ହେବନାହିଁ । ଧର୍ମଘଟଟି ଥିଲା ମହିଳାମାନଙ୍କର । ନାରୀଜାତିର ସ୍ୱାଭିମାନ କି ଅଭିମାନ ପାଇଁ ନୁହେଁ; ପେଟ ପାଟଣା ପାଇଁ । ଜାତୀୟ ରାଜପଥ କଡ଼ରେ ଥିବା ମଦ ଦୋକାନଟି ଗାଁର ମେଳନ ପଡ଼ିଆ ପାଖ ଛକକୁ ଉଠି ଆସୁଛି। ଆଗରୁ ସେଠି ଛୋଟଛୋଟ ପାନ ଦୋକାନ ଦି'ତିନିଟା ଓ ଗୋଟେ ଚା' ଦୋକାନ ଥିଲା । ସେଥିମଧ୍ୟରୁ ଗୋଟିଏ ପାନ ଦେକାନରେ ବାହାଘର ରତ୍ତୁ, ଦୋଳ, ଦଶହରା ପ୍ରଭୃତି ବେଳେ ମଦ ମିଳୁଥିଲା । ଚୋରାରେ । ସବୁବେଳେ ମିଳିପାରୁ ନ ଥିଲା । କାରଣ ଚୋରା ବ୍ୟବସାୟଟି ଯେତିକି ଚାଲୁଥିଲା ସେତିକିରେ ତତ୍‌ସମ୍ପୃକ୍ତ ଆନୁସଙ୍ଗିକ ଖର୍ଚ୍ଚ ବହନ କରି ହେଉ ନଥିଲା । ତଥାପି ଗାଁଟିରେ ଯେ କେତେକ ନିର୍ଦ୍ଦିଷ୍ଟ ଗରାଖ ଥିଲେ ଏକଥା ଠିକାଦାର ଜଣକ ଜାଣିଥିଲେ। ତେଣୁ ଭାଙ୍ଗି ଯାଇଥିବା ମଦ ଦୋକାନଟିକୁ ସେହି ଗାଁରେ ପୁନଃ ଥଇଥାନ କରିବାର ଯୋଜନାକୁ ମଞ୍ଜୁରି କରାଇ ଆଣିଲେ। ଗାଁରେ କିଛି ଗରାଖ ଥିଲେ ଓ ଆଉକିଛି ମଉକା ଖୋଜୁଥିଲେ ଗରାଖ ହେବାକୁ। ଏକଥା ମଦ ଦୋକାନ ଖୋଲିବାର ତୃତୀୟ କାରଣ ଥିଲା । ଦ୍ୱିତୀୟ କାରଣଟି ହେଲା ଉକ୍ତ ଗାଁଟି ଜାତୀୟ ରାଜପଥର ଠିକ୍ ପାଞ୍ଚଶହ ମିଟର ଦୂରରେ। ତେଣୁ ବନ୍ଧା ଗରାଖମାନେ ଜାତୀୟ ରାଜପଥରୁ ପ୍ରଧାନମନ୍ତ୍ରୀ କଂକ୍ରିଟ୍ ସଡ଼କରେ ଗାଁ ପର୍ଯ୍ୟନ୍ତ ଆସିବାରେ କୌଣସି ଅସୁବିଧା ହେବନି ଏକଥା ଠିକାଦାର ଜଣକ ନିଶ୍ଚିତ ଥିଲେ । ତେବେ ସବୁଠୁ ବଡ଼ ଆଉ ପ୍ରଥମ କାରଣ ଥିଲା, ସେହି ଗାଁର ତଥା ସେ ଅଞ୍ଚଳର ପ୍ରଖ୍ୟାତ ଜଣେ ଜନସେବକ । ସେ ଥରେ ବ୍ଲକ୍ ଚେୟାର୍‌ମ୍ୟାନ୍ ମଧ୍ୟ ହୋଇଛନ୍ତି । ତାଙ୍କ ଗାଁ ମାନେ କିଛି ଅସୁବିଧା ନାହିଁ। ସେ ନେଇ ଆଣି ଥୋଇପାରନ୍ତି।

ମହିଳାମାନେ ବିରୋଧ କଲେ ଗାଁରେ ମଦ ଦୋକାନ କରାଇ ଦେବେ ନାହିଁ । କାରଣ ସୁବିଧାରେ ମିଳିଲେ ତାଙ୍କ ସ୍ୱାମୀମାନେ ଅବାଟକୁ ଚାଲିଯିବାର ବହୁତ ବାଟ ଖୋଲିଯିବ। ନୂଆକରି ଉଦ୍‌ଘାଟନ ହେବା ଦିନ ହିଁ ମଦ ଦୋକାନ ଆଗରେ ଧର୍ମଘଟ ଆରମ୍ଭ କରିଦେଲେ ମହିଳାମାନେ । ଦୋକାନ ଭାଙ୍ଗି ଭିତରକୁ ପଶିଗଲେ । ମଦ ପେଟିମାନ ବାହାରକୁ ଟେକି ଆଣିଲାବେଳକୁ ସ୍ୱାମୀମାନେ ମଧ୍ୟ ସାହାଯ୍ୟ କଲେ । ହେଲେ ଟେକି ନେଇ କୁଆଡ଼େ ଗଲେ ସେକଥା ଜାଣିଲା ବେଳକୁ ନେଡ଼ିଗୁଡ଼ କହୁଣୀକୁ ବହି ଯାଇଥାଏ । ଭାଗ ନେଇଥିବା ନବେ ପ୍ରତିଶତ ସ୍ତ୍ରୀଲୋକ ସେଦିନ ସନ୍ଧ୍ୟା ବେଳେ ସ୍ୱାମୀମାନଙ୍କଠାରୁ ମାଡ଼ଗାଳି ଖାଇଲେ । କାରଣ ସମସ୍ତେ ମାଗଣା ପିଇଥିଲେ । ପେଟି ଛଡ଼ାଇ ନେବାରେ ମୁଖ୍ୟ ଭୂମିକା ନେଇଥିଲେ ଠିକାଦାରର ଲୋକମାନେ । ଯେଉଁମାନଙ୍କୁ ନିର୍ଦ୍ଦେଶ ଥିଲା, ନେତ୍ରୀମାନଙ୍କ ସ୍ୱାମୀମାନଙ୍କୁ ବଳେଇ ବଳେଇ ପିଆଇବାକୁ।

– ବ୍ରାହ୍ମଣ ସାଇଲୋ, କଟକ





## ଜୀବନର ଚାରୋଟି ସ୍କେଚ୍

– ଅନ୍ତର୍ଯ୍ୟାମୀ ମିଶ୍ର

ତୁଳାଭିଣା ପରି ଉଡ଼ିଉଡ଼ି ଯାଉ
ପାହାନ୍ତି ନିଦର ସପନ
ଲୁହଧାର ହୋଇ ଆଖିର କୋଣରେ
ମୋତି ପରି ଦିଶୁ ଜୀବନ ॥

ଆକାଶର ଚାନ୍ଦ ତୋଳିବା ପାଇଁକି
ଦେହ ହେଇଯାଉ ବାମନ
ଝାଳ ମରିମାରି ଲୁଣରେ ତିଆରି
ହେଉ ନୂଆ ଗୋଟେ ଜୀବନ ॥

ଛାଇ ଖୋଜିଖୋଜି ଦୁଃଖ ସାଥେ ଯୁଝି
ଝଡ଼ିଯାଉ ପଛେ ଯୌବନ
ଅନ୍ଧାରଟା ଯଦି ପ୍ରିୟାର କଜଳ
ଅନ୍ଧକାର ହେଉ ଜୀବନ ॥

ବସା ତିଆରିକି ବସି ଯାଉଯାଉ
ବସା ଭାଙ୍ଗୁ ପଛେ ପବନ
ଦୋଳିଟିଏ ବାନ୍ଧି ଆକାଶ ଛାତିରେ
ଝୁଲୁଥାଉ ସଦା ଜୀବନ ॥

*– ବେଲସାଉଁଳିଆ, ବାସୁଦେବପୁର, ଭଦ୍ରକ*

## ତୁ ଦବୁ ତ...?

– ଚିରଂଜୀବୀ କର

॥ ଚୁମା ॥

ମୁଁ
ମୋ ହାତ ତିଆରି
କପେ ଚା' ଦେଉଛି।
ତୁ
ତୋ ଓଠ ତିଆରି
ଢୋକେ ଚୁମା ଦବୁ ତ ?

॥ ଦେବୀ ॥

ପ୍ଲିଜ୍ !
ତୁ ଦେବୀଟେ ହେଇଯା'
ଦିନକ ପାଇଁ।
ସେ ଦେବୀକୁ ପ୍ରେମ ନୁହେଁ,
ବରଂ
କହିବୁ ତ
ପୂଜା କରିବାକୁ ବି ପ୍ରସ୍ତୁତ !

*– ଯାଜପୁର*

ମିନିଗପ

## ଝିଅ

– ପବିତ୍ର ବ୍ରହ୍ମପୁତ୍ର ନାୟକ

ଆଗରୁ ଭାବୁଥିଲି ଝିଅ କନେଷ୍ଟବଳ ହୋଇଥିଲେ ଚଳିବ। ପୁଣି ଭାବିଲି ପୋଲିସ୍ ଚାକିରି କ'ଣ କମ୍ ଝାମେଲା। ରାତି ଅଧରେ ଡ୍ୟୁଟି। ମର୍ଡ଼ର କେଶ୍। ରେପ୍। କେତେ ଜଘନ୍ୟ କାଣ୍ଡରେ ଘାଣ୍ଟିହେବ ମଣିଷ।

ପରେ ଭାବିଲି, ଝିଅ ଯଦି ଅଧ୍ୟାପିକା ହେଇଥିବ ତ ଭଲ। ଏଇ ଗପଫପ ଯା ଲେଖୁଛି ଅନ୍ତତଃ ସିଏ ତ ବୁଝି ପାରିବ।

ସମୟ ଗଡ଼ି ଚାଲିଥିଲା। ତଥାପି ଝିଅ ମିଳୁ ନଥିଲେ। ମନେମନେ ଭାବୁଥିଲି, ଚାକିରିରୁ କ'ଣ ମିଳିବ ଯେ, ଝିଅଟିଏ ତ ମିଳିଯାଉ।

ଏଇ ତ ଆର ଆଶ୍ୱିନକୁ ମତେ ୪୭ ଛୁଇଁବ।

*– ବ୍ରହ୍ମପୁତ୍ର ଛାତ୍ରାବାସ*
*ଆଇଆଇଏମ୍‌ସି କ୍ୟାମ୍ପସ,*
*ଢେଙ୍କାନାଳ*

ପ୍ରଥମ ରୋଜଗାର

# ଚଳିବା ପାଇଁ ଘରକରଣା ଜିନିଷ କିଣିଥିଲି



ଅବସରପ୍ରାପ୍ତ କୃଷି ଉପନିର୍ଦ୍ଦେଶକ **ଡଃ ବିଜୟାନନ୍ଦ ମହାନ୍ତି** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଜଗତ୍‌ସିଂହପୁର ଜିଲା କୁଣ୍ଡେଶ୍ୱର ଗ୍ରାମରେ ୧୯୫୫ ମସିହା ମେ’ ୧୧ରେ ମୋ ଜନ୍ମ। ଅଲଣାହାଟ ହାଇସ୍କୁଲରୁ ୧୯୭୨ରେ ମାଟ୍ରିକ୍ ପାସ୍ କରି ଏସ୍‌ଭିଏମ୍ କଲେଜରେ ଆଇ.ଏସ୍‌ସି. ପଢ଼ିଲି। ଗଣିତ ଭଲ ହେଉଥିବାରୁ ଇଞ୍ଜିନିୟରିଂ ପଢ଼ିବାକୁ ଆଗ୍ରହ ଥିଲା। କିନ୍ତୁ ଦୁର୍ବଳ ଆର୍ଥିକାବସ୍ଥା ଯୋଗୁ ପଢ଼ିବାକୁ ସାହସ ହେଲାନି। ଭୁବନେଶ୍ୱର କୃଷି କଲେଜରେ ଅଧ୍ୟାପକ ଥିବା ସମ୍ପର୍କୀୟ ଭାଇ ଡଃ ବିପିନ ବିହାରୀ ଭୋଳଙ୍କ ପରାମର୍ଶକ୍ରମେ ସେଠାରେ ଆଡମିଶନ କଲି। ବିନା ସୁଧରେ ନ୍ୟାଶନାଲ ଲୋନ୍ ସ୍କଲାରଶିପ୍ ଟଙ୍କାରେ ପଢ଼ା ଖର୍ଚ୍ଚ ଉଠୁଥିଲା। ୧୯୭୮ରେ କୃଷି ସ୍ନାତକ ପାସ୍ ପରେ ଚାକିରି ମିଳିଲା। ହେଲେ ଭାବିଲି ଥରେ ଚାକିରିରେ ପଶିଗଲେ ଟଙ୍କା ପଇସା ମୋହରେ ଆଉ ହୁଏତ ପିଜି କରିପାରିବି ନାହିଁ। ତେଣୁ ଚାକିରି ନ କରି ପୁଣି ପଢ଼ିଲି। କୀଟତତ୍ତ୍ୱ ବିଭାଗରେ ସ୍ନାତକୋତ୍ତର ପାସ୍‌କରି କନିଷ୍ଠ କୃଷି ଅଧିକାରୀ ଭାବେ ଭବାନୀପାଟଣା କୃଷି ବିଭାଗରେ ଯୋଗଦେଲି। ଦରମା ୭୦୨ ଟଙ୍କା। ସେତେବେଳେ ସେଠାରେ ଚାଉଳ କିଲୋ ଥିଲା ୩ ରୁ ୪ ଟଙ୍କା ଭିତରେ। ଏକା ଏକା ଚଳୁଥିବାରୁ ପଇସା ବଳିବା କଥା। କିନ୍ତୁ ପିଜି ବେଳେ କିଛି ଧାର ଉଧାର କରିଥିବାରୁ ତାକୁ ଶୁଝିବାକୁ ପଡୁଥିଲା। ତେଣୁ ଟିକେ ନିଅଣ୍ଟିଆ ଧରୁଥାଏ। ତଥାପି ପ୍ରଥମ ମାସ ଦରମାରେ ଚଳିବା ପାଇଁ କିଛି ଘରକରଣା ଜିନିଷ କିଣିଥିଲି। ଏଭଳି ପରିସ୍ଥିତିରେ ପ୍ରାୟ ୨ ବର୍ଷ ସାଇକେଲରେ ଟୁର୍ କରୁଥିଲି। ସେବେ ସରକାରଙ୍କ ତରଫରୁ ସ୍ୱଳ୍ପ ସୁଧରେ ମୋଟରସାଇକେଲ କିଣିବା ପାଇଁ ୬ ହଜାର ଟଙ୍କା ଯୋଗାଇ ଦିଆଯାଉଥାଏ। ସେତେବେଳେ ରାଜଦୂତ ମୋଟରସାଇକେଲ ୯ ହଜାର ୫ଶହ ଟଙ୍କା ପଡୁଥାଏ। ତେଣୁ ତିନିହଜାର ପାଞ୍ଚଶହ ଟଙ୍କା ହାତ ଉଧାରକରି ରାଜଦୂତ କିଣିଲି। ଏମିତିରେ ୧୯୮୪ରେ ଓୟୁଏଟିରେ ଆସି କନିଷ୍ଠ ବୈଜ୍ଞାନିକ ଭାବେ ଯୋଗଦେଲି। ଦୁଇ ବର୍ଷ ପରେ ଶସ୍ୟ ସଂରକ୍ଷଣ ଅଧିକାରୀ ଭାବେ ପ୍ରମୋଶନ ପାଇ ଉମରକୋଟ ଗଲି। ବର୍ଷକ ପରେ ପିଏଚ୍.ଡି. କରିବା ପାଇଁ ପୁଣି ଓୟୁଏଟି ଆସିଲି। ପିଏଚ୍.ଡି. ପାଇଁ ପ୍ରସ୍ତୁତ କରିଥିବା ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରି ସର୍ବଭାରତୀୟ ସ୍ତରରେ ଯୁବ ବୈଜ୍ଞାନିକ ପୁରସ୍କାର ମଧ୍ୟ ପାଇଥିଲି। ତେବେ ୩ ବର୍ଷ ପରେ ପିଏଚ୍.ଡି. ସାରି ଢେଙ୍କାନାଳରେ ଯୋଗଦେଲି। ସେଠାରେ ଛଅବର୍ଷ କାମ କରିବା ପରେ ଖୋର୍ଦ୍ଧା ଆସି ପୁଣି ଛଅବର୍ଷ ପରେ ଆଠଗଡ଼ ଗଲି। ସେଠାରୁ ଦେଢ଼ବର୍ଷ ପରେ କୀଟତତ୍ତ୍ୱବିତ୍ ଭାବେ ବାଙ୍କୀ ଫାର୍ମରେ ଆସି ଯୋଗଦେଲି। ଉକ୍ତ ଫାର୍ମ ଦୀର୍ଘ ୧୫ବର୍ଷ ଧରି କ୍ଷତି ସହି ଆସୁଥିଲା। କିନ୍ତୁ ମୁଁ ଜଏନ୍ କରିବା ପରେ ମୋର ଅକ୍ଲାନ୍ତ ପରିଶ୍ରମ ଓ କାର୍ଯ୍ୟଦକ୍ଷତା ବଳରେ ୩ ବର୍ଷଯାକ ଫାର୍ମ ଲାଭରେ ଚାଲିଲା। ଏହା ତତ୍‌କାଳୀନ କୃଷି ନିର୍ଦ୍ଦେଶକ ଡଃ ଅରବିନ୍ଦ ପାଢ଼ୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ମୋତେ ପୁରସ୍କାର ଦେବା ଲାଗି ଅର୍ଥ ବିଭାଗକୁ ସେ ଚିଠି ଲେଖିଥିଲେ। କିନ୍ତୁ ଆଗରୁ ଏପରି ଯୋଜନା ନ ଥିବା ତଥା ଆର୍ଥିକ ସଙ୍କଟର ଆଳ ଦେଖାଇ ଅର୍ଥ ବିଭାଗ ପୁରସ୍କାର ଦେବାକୁ ମନା କରିଦେଲେ। କିନ୍ତୁ ମୋର ଦକ୍ଷତା ବଳରେ ପୁଣି ପ୍ରମୋଶନ ପାଇ ଜିଲା କୃଷି ଅଧିକାରୀ ଭାବେ ପାନପୋଷ(ରାଉରକେଲା)ରେ ଯୋଗଦେଲି ଏବଂ ୨ ବର୍ଷ ପରେ କୃଷି ଉପନିର୍ଦ୍ଦେଶକ ଭାବେ ଝାରସୁଗୁଡ଼ା ଆସିଲି। ଝାରସୁଗୁଡ଼ା ପରେ ସୁବର୍ଣ୍ଣପୁର ଜିଲାକୁ ବଦଳିହେଲା। ସେଠାରେ ଯାଇ ଦେଖିଲି ଜିଲାର ସବୁ କୃଷି ଅଫିସ୍‌ରେ ମୁଖ୍ୟ ପଦ ଖାଲି ପଡ଼ିଛି ଓ ନିଜ ଅଫିସରେ ମଧ୍ୟ ସବୁ ଅଫିସର ପଦ ଖାଲି ଅଛି। କୃଷି ନିର୍ଦ୍ଦେଶକ ଓ କୃଷି ସଚିବଙ୍କୁ ପଦ ପୂରଣ ପାଇଁ ଜଣାଇଲେ ବି କିଛି ଫଳ ହେଲାନି। କିଛିଦିନ ପରେ ୩ ଜଣଙ୍କୁ ଯୋଗଦେବା ଲାଗି ନିର୍ଦ୍ଦେଶ ହେଲା, କିନ୍ତୁ କାର୍ଯ୍ୟକାରୀ ହେଲା ନାହିଁ। ମୋତେ ଚାକିରି କରିବାରେ ବହୁତ କଷ୍ଟ ହେଲା। ବେଶି ସମୟ କାମ କରି ଆଖି ଦୁଇଟି ଏକ ପ୍ରକାର ନଷ୍ଟ ହୋଇଗଲା। ତଥାପି ସୁବର୍ଣ୍ଣପୁରରେ କାମ କଲାବେଳେ ହେକ୍ଟର ପିଛା ୬୬.୮୧ କୁଇଣ୍ଟାଲ ଧାନ ଅମଳ କରାଇ ଜିଲାକୁ ଓଡ଼ିଶା ତଥା ପୂର୍ବ ଭାରତୀୟ ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରାଇବାରେ ସକ୍ଷମ ହୋଇଥିଲି। ଫଳସ୍ୱରୂପ ଭାରତ ସରକାର ୨୦୧୨-୧୩ ବର୍ଷ ପାଇଁ ସୁବର୍ଣ୍ଣପୁର ଜିଲାକୁ ‘କୃଷିକର୍ମଣ ପୁରସ୍କାର’ ପ୍ରଦାନ କଲେ। ଆଉ ଶେଷରେ ଏହି ଜିଲାରୁ ହିଁ ୨୦୧୩ ମେ’ ମାସରେ ମୁଁ ଚାକିରିରୁ ଅବସର ନେଲି। ଆଜି ପର୍ଯ୍ୟନ୍ତ କୌଣସି ଜିଲା ସୁବର୍ଣ୍ଣପୁରର ଧାନ ଅମଳ ରେକର୍ଡକୁ ଟପିପାରିନାହାନ୍ତି। ତେବେ ଝାରସୁଗୁଡ଼ା ଓ ସୁବର୍ଣ୍ଣପୁର ଜିଲାରେ କୃଷି ଉପନିର୍ଦ୍ଦେଶକ ଭାବେ କାମ କଲାବେଳେ ତତ୍‌କାଳୀନ ଜିଲାପାଳଙ୍କଠାରୁ ପ୍ରୋତ୍ସାହନ ତଥା ପ୍ରଶଂସା ପାଇ ଆତ୍ମସନ୍ତୋଷ ଲାଭ କରିଥିଲି। ଓଡ଼ିଶା ସରକାରଙ୍କଠାରୁ ପ୍ରୋତ୍ସାହନ ନ ପାଇଲେ ମଧ୍ୟ କଠୋର ପରିଶ୍ରମ, ଆନ୍ତରିକ ଉଦ୍ୟମ, ଉତ୍ସର୍ଗୀକୃତ ସେବା ମନୋଭାବ ଯୋଗୁ ଭଗବାନଙ୍କ ଆଶୀର୍ବାଦ ମୋ ଉପରେ ଓ ମୋ ପରିବାର ଉପରେ ସର୍ବଦା ରହିଆସିଛି।

# ଉଜାଗର ହୋଇ ରହିଛି ଚାହିଁ ଅବୁଝା ପ୍ରେମିକାକୁ ଉତ୍ତର ନାହିଁ

ସାଥୀ

**ପ୍ରଶ୍ନ**–ଯୁବତୀଙ୍କୁ ବୟସ ଆଉ ବ୍ୟବସାୟୀଙ୍କୁ ଲାଭାଂଶ ପଚାରିଲେ କାହିଁକି ସଠିକ୍ ଉତ୍ତର ମିଳି ନ ଥାଏ ?

*–ବିଜୁ ସାହୁ, ଖଣ୍ଡାଏତା, କଟକ*

**ଉତ୍ତର:** ଏଭଳି ଗହନ କଥାରେ କାହିଁକି ପଶୁଛନ୍ତି କହିଲେ ? ତା’ ଭିତରେ ଥରେ ପଶିଗଲେ ବାହାରିବା ପାଇଁ ବାଟ ପାଇବେ ନାହିଁ। ତେଣୁ ୟାକୁ ଛାଡି ଅନ୍ୟ କଥାରେ ମୁଣ୍ଡ ଖେଳାନ୍ତୁ ନା !

**ପ୍ରଶ୍ନ**–ମୋ ପ୍ରେମିକା ଭାରି ଅବୁଝା। ତାକୁ ଯେତେ ବୁଝାଇଲେ କିଛି ଫଳ ହେଉନି। ତଥାପି ମୋର ଭରସା ଅଛି ଦିନେ ନା ଦିନେ ସେ ମୋ କଥାକୁ ବୁଝିବ। ହେଲେ ଅପେକ୍ଷା କରିବାକୁ ମୋର ଧୈର୍ଯ୍ୟ ନାହିଁ। କ’ଣ କରିବି ?

*–ତୁଷାର କୁମାର, ରାଉରକେଲା*

**ଉତ୍ତର:** ଆପଣଙ୍କ ପ୍ରଶ୍ନ ପଢ଼ି ଜଣାପଡୁଛି ଯେ ଆପଣଙ୍କର ମନ ଅଥୟ। ଗୋଟିଏ ପଟେ କହୁଛନ୍ତି ପ୍ରେମିକା ଉପରେ ଭରସା ଅଛି, ପୁଣି କହୁଛନ୍ତି ଯେ ଅପେକ୍ଷା କରିବାକୁ ମୋର ଧୈର୍ଯ୍ୟ ନାହିଁ। ଅବୁଝା ପ୍ରେମିକାକୁ ବୁଝାଇବା ଏତେ ସହଜ ନୁହେଁ। ଏଥିପାଇଁ ଦିନ ପରେ ଦିନ ରାତି ପରେ ରାତି ପାହିଯାଏ ହେଲେ ଅଧିକାଂଶ କ୍ଷେତ୍ରରେ ଫଳ ମିଳିବା ଆଶା କମ୍ ଥାଏ। ‘ଉଜାଗର ହୋଇ ରହିଛି ଚାହିଁ, ଅବୁଝା ପ୍ରେମିକାକୁ ଉତ୍ତର ନାହିଁ।’ ତେଣୁ ଚେଷ୍ଟା ଜାରି ରଖନ୍ତୁ ସଫଳ ହୋଇପାରନ୍ତି। ଆଉ ଯଦି ଧୈର୍ଯ୍ୟ ନାହିଁ ବୋଲି କହୁଛନ୍ତି ତେବେ ଚ୍ୟାନେଲ ଚେଞ୍ଜ କରିପାରନ୍ତି।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ ଏକତରଫା ଭଲ ପାଉଥିଲି। ହେଲେ ସେ ଯେତେବେଳେ ମୋ ପ୍ରେମରେ ପଡିଗଲା ଏବେ ମୁଁ ଆଉ ଜଣେ ଝିଅ ପ୍ରେମରେ ପଡିଯାଇଛି। କ’ଣ କରିବି ?

*–ସୁଜିତ, ଯାଜପୁର*

**ଉତ୍ତର:** ସାଥୀକୁ ଲାଗୁଛି ଆପଣ ବର୍ତ୍ତମାନ ପ୍ରେମର ଚକ୍ରବ୍ୟୁହରେ ଫସି ଯାଇଛନ୍ତି। ତେଣୁ ଏଭଳି ପ୍ରେମରେ କେଉଁ ପ୍ରେମିକାକୁ ଆପଣେଇବେ ତାହା ନିଜେ ଡିସାଇଡ୍ କରନ୍ତୁ। କାରଣ ଦୁଇ ଜଣ ଝିଅଙ୍କୁ ପ୍ରେମ କଲେ ତାହାର ଫଳ କ’ଣ ହେବ ସେକଥା କହିବା ଅନାବଶ୍ୟକ। ତେଣୁ ତରତର ନ ହୋଇ ଥଣ୍ଡା ମୁଣ୍ଡରେ ନିଷ୍ପତ୍ତି ନିଅନ୍ତୁ। ନ ହେଲେ ନେଡି ଗୁଡ କହୁଣୀକୁ ବୋହି ଗଲେ କେବଳ ଟେନସନ ହିଁ ଟେନସନ।

**ପ୍ରଶ୍ନ**–ପ୍ରେମରେ ଅସଫଳ ହେଲେ ତାହାର ଶେଷ ସିଦ୍ଧାନ୍ତ କ’ଣ ଆତ୍ମହତ୍ୟା କରିବା ?

*–ଗଦାଧର ଓଝା, କୋଚିଳାଇ ଫର୍ନିଚର୍ସ, ନାଗାବାଲି ବଜାର, କଟକ*

**ଉତ୍ତର:** ଆଦୌ ନୁହେଁ। ଏଭଳି ମାନସିକତା ଯୋଗୁଁ ଅନେକ ପ୍ରେମିକ-ପ୍ରେମିକାଙ୍କ ଜୀବନ ଅକାଳରେ ଝଡି ଯାଉଛି। ପ୍ରେମରେ ଅସଫଳ ହେଲେ ଯେତେ ସମ୍ଭବ ନିଜ ମନକୁ ବୁଝାଇ ସେଭଳି ପରିସ୍ଥିତିରୁ ମୁକୁଳିବାକୁ ଚେଷ୍ଟା କରନ୍ତୁ। ନ ହେଲେ ପ୍ରେମରେ ପ୍ରତାରଣାଠାରୁ ସେ କଷ୍ଟ ଆହୁରି ବଳି ପଡିବ। ବାକି ରହିଲା, ଆତ୍ମହତ୍ୟା କଥା। ଏହାଦ୍ୱାରା ଯଦି ସବୁ ସମସ୍ୟାର ସମାଧାନ ହୋଇଯାଉଥାଆନ୍ତା ତେବେ ଅଧିକାଂଶ ତ ଏହି ବାଟକୁ ବାଛି ନିଅନ୍ତେ। ତେଣୁ ସେଭଳି ମାନସିକତାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।



















# କାଡାଲୁଣ୍ଡି ପକ୍ଷୀ ଅଭୟାରଣ୍ୟ

କେରଳର ମାଲାପ୍ପୁରମ୍ ଜିଲାରେ ଥିବା କାଡାଲୁଣ୍ଡି ପକ୍ଷୀ ଅଭୟାରଣ୍ୟ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ତା'ଛଡ଼ା ଏହି ସ୍ଥାନକୁ ଏକ ସଙ୍ଗମସ୍ଥଳୀ ବୋଲି ମଧ୍ୟ ଅନେକେ କହିଥାନ୍ତି, କାରଣ କାଡାଲୁଣ୍ଡି ନାମକ ନଦୀ ଆରବ ସାଗର ସହ ଏଠାରେ ମିଶିଥିବା ଦେଖିବାକୁ ମିଳେ। ତା'ଛଡ଼ା ସମୁଦ୍ର ପତ୍ତନଠାରୁ ପ୍ରାୟ ୨୦୦ ମିଟର ଉଚ୍ଚତାରେ ଥିବା ଏହି ଅଭୟାରଣ୍ୟଟିରେ ଜାତିଜାତିକା ପକ୍ଷୀ ଦେଖିବାକୁ ମିଳିଥାନ୍ତି। ସେଥିପାଇଁ ତ ଏହାକୁ ପକ୍ଷୀପ୍ରେମୀଙ୍କ ସ୍ୱର୍ଗ ବୋଲି ଅନେକେ ସମ୍ବୋଧନ କରିଥାନ୍ତି।

### କ'ଣ ଦେଖିବେ

ଏହି ଅଭୟାରଣ୍ୟରେ ପ୍ରାୟ ୧୦୦ ପ୍ରଜାତିର ଦେଶୀୟ ପକ୍ଷୀ ଏବଂ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ପ୍ରଜାତିର ଭ୍ରମଣକାରୀ ପକ୍ଷୀ ଦେଖିବାକୁ ମିଳିଥାନ୍ତି। ତେବେ ଭ୍ରମଣକାରୀ ପକ୍ଷୀ ଏଠାରେ ସବୁବେଳେ ଦେଖିବାକୁ ମିଳନ୍ତି ନାହିଁ। କେବଳ ଶୀତଦିନେ ହିଁ ଏମାନେ ଏଠାକୁ ଆସିଥାନ୍ତି। ଏଠାରେ ଦେଖିବାକୁ ମିଳୁଥିବା କେତୋଟି ପ୍ରମୁଖ ପକ୍ଷୀଙ୍କ ମଧ୍ୟରେ ଟର୍ନ୍ସ, ଗୁଲ୍ସ, ହେରନ୍ସ , ସ୍ୟାଣ୍ଡପାଇପର୍ସ, କର୍ମୋରାଣ୍ଟ୍ସ, ହ୍ୱଇମ୍ବ୍ରେଲ, ବ୍ରାହ୍ମିନୀ କାଇଟ୍ସ ଇତ୍ୟାଦି ଅନ୍ୟତମ। ପକ୍ଷୀ ବ୍ୟତୀତ ପର୍ଯ୍ୟଟକ ଚାହିଁଲେ ଏଠାରେ ବିଭିନ୍ନ ଜାତିର ମାଛ, ଗେଣ୍ଡା, କଙ୍କଡ଼ା ଇତ୍ୟାଦି ମଧ୍ୟ ବୁଲି ଦେଖିପାରିବେ। କାରଣ ଅଭୟାରଣ୍ୟ ଭିତରେ ସାମୁଦ୍ରିକ ଜୀବମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଗ୍ୟାଲେରି ରହିଛି।

### କେବେ ଯିବେ

ବର୍ଷର ଯେକୌଣସି ସମୟରେ ଏଠାକୁ ବୁଲିଯିବା ସୁବିଧା ରହିଛି। କିନ୍ତୁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଏଠାକୁ ଯିବା ପାଇଁ ଅକ୍ଟୋବରରୁ ମାର୍ଚ୍ଚ ହେଉଛି ସବୁଠୁ ଉପଯୁକ୍ତ ସମୟ। କାରଣ ଏହି ସମୟରେ ବହୁ ସଂଖ୍ୟାରେ ଭ୍ରମଣକାରୀ ପକ୍ଷୀ ଏଠାକୁ ଉଡ଼ି ଆସିଥାନ୍ତି।

### କେମିତି ଯିବେ

ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। କେରଳର ତିରୁର୍ ସହରଠାରୁ ପ୍ରାୟ ୨୯ କି.ମି. ଏବଂ କୋଝିକୋଡ୍‌ଠାରୁ ପ୍ରାୟ ୧୯ କି.ମି. ଦୂରରେ ଏହି ଅଭୟାରଣ୍ୟ ଅବସ୍ଥିତ। କାଲିକଟ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ନିକଟତମ ବିମାନବନ୍ଦର ହୋଇଥିବାବେଳେ କୋଝିକୋଡ୍ ରେଲୱେ ଷ୍ଟେଶନ ହେଉଛି ଏହାର ନିକଟତମ ଷ୍ଟେଶନ। ତା'ଛଡ଼ା ସଡ଼କପଥରେ ବି ଏଠାକୁ ଯିବାର ସୁବିଧା ରହିଛି।

### କେଉଁଠି ରହିବେ

ଅଭୟାରଣ୍ୟ ନିକଟରେ ପର୍ଯ୍ୟଟକଙ୍କ ରହିବା ପାଇଁ ଫରେଷ୍ଟ ରେଷ୍ଟ ହାଉସ୍‌ର ସୁବିଧା ରହିଛି। ତା'ଛଡ଼ା ଟାଉନ୍ ଭିତରକୁ ଗଲେ ସେଠାରେ ସବୁ ବର୍ଗର ପର୍ଯ୍ୟଟକଙ୍କୁ ସୁହାଇଲା ଭଳି ହୋଟେଲ, ଲଜ୍ ଇତ୍ୟାଦିର ଭଲ ବ୍ୟବସ୍ଥା ରହିଛି।

### ନିକଟସ୍ଥ ପର୍ଯ୍ୟଟନସ୍ଥଳୀ

କାଡାଲୁଣ୍ଡି ପକ୍ଷୀ ଅଭୟାରଣ୍ୟକୁ ବୁଲି ଆସୁଥିବା ପର୍ଯ୍ୟଟକ ଚାହିଁଲେ ନିକଟସ୍ଥ ଆଉ କେତୋଟି ଦର୍ଶନୀୟ ସ୍ଥାନ ମଧ୍ୟ ବୁଲିବାକୁ ଯାଇପାରିବେ। ଯେମିତିକି ବେପୋର୍, ଫେରୋକ୍, କାଡାଲୁଣ୍ଡି, ଚଲିୟାର୍ ନଦୀ ଇତ୍ୟାଦି ଅନ୍ୟତମ।

# ସ୍ପେଶାଲ ଗିଫ୍ଟ

ବରୁଣଙ୍କ ସ୍ପେଶାଲ ଗିଫ୍ଟକୁ ନେଇ ଏବେ ଚର୍ଚ୍ଚା। ନିକଟରେ କ'ଣ ହୋଇଛି ନା ପ୍ରେମିକା ନତାଶା ଦଲାଲଙ୍କ ସହ ତାଙ୍କର ଟିକେ ମତାନ୍ତର ହୋଇଯାଇଥିଲା। ଯାହା ହେଲେ ବି ତାଙ୍କୁ ମନାଇବାକୁ ପଡିବ। ତେଣୁ ଏଥିପାଇଁ କ'ଣ କରାଯାଇପାରିବ ସେ ନେଇ ଚିନ୍ତା କଲେ। ଡେରି ନ କରି ନତାଶାଙ୍କ ପାଇଁ ଏକ ଦାମୀ ଗିଫ୍ଟ କିଣିଲେ। ଯେତେବେଳେ ତାଙ୍କୁ ଦେଖା କରିବାକୁ ଫୋନ୍ କଲେ ନତାଶା ମନା କରିପାରିଲେ ନାହିଁ। କାରଣ ହୁଏତ ସେତେବେଳକୁ ନତାଶାଙ୍କ ଅଭିମାନ ଅଦିନ ମେଘ ପରି ଦୂରେଇ ଯାଇଥିଲା। ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ପରେ ବରୁଣ ତାଙ୍କୁ ଉପହାରଟି ଧରାଇ ଦେଇଥିଲେ। ତାହା ଥିଲା ଏକ କାର ଚାବି। ଦାମୀ କାରଟି ମଧ୍ୟ ଅନତି ଦୂରରେ ଥୁଆ ହୋଇଥିଲା। କାର ଚାବି ଦେବା ପରେ କାର ଆଡକୁ ଇସାରା କରିଥିଲେ ବରୁଣ। ଆଉ ହଠାତ୍ କିଛି କାରଣ ନ ଥାଇ ଏଭଳି ଗିଫ୍ଟ ପାଇ ନତାଶା ଯେତିକି ଆଶ୍ଚର୍ଯ୍ୟ ହୋଇଥିଲେ ସେତିକି ଖୁସି ମଧ୍ୟ ହୋଇଥିଲେ।

# ଶ୍ରଦ୍ଧାଙ୍କ ଦୁଃଖ

ଶ୍ରଦ୍ଧା କପୁରଙ୍କ ମନ ଭଲ ନାହିଁ। କଥାଟିକୁ ସେ ଯେତେ ଭୁଲିବାକୁ ଚାହୁଁଛନ୍ତି ଭୁଲି ପାରୁନାହାନ୍ତି। କଥା କ'ଣ କି ସେ ନିକଟରେ ତାଙ୍କ ସାଙ୍ଗମାନଙ୍କୁ ଟ୍ରିଟ୍ ଦେବାକୁ କଥା ଦେଇଥିଲେ। ହେଲେ ନିର୍ଦ୍ଦିଷ୍ଟ ଦିନ ହଠାତ୍ ଏପରି ଗୁରୁତ୍ୱପୂର୍ଣ୍ଣ କାମ ପଡିଗଲା ଯେ ସେଥିରୁ ସେ ଚାହିଁଲେ ମଧ୍ୟ ମୁକୁଳି ପାରି ନ ଥିଲେ। ଫଳରେ ବାଧ୍ୟ ହୋଇ ପାର୍ଟିକୁ କ୍ୟାନସେଲ କରିଥିଲେ। ଏ ବିଷୟରେ ଶ୍ରଦ୍ଧା କହନ୍ତି, 'ସେଦିନ ମୋର ଏମିତି ଗୁରୁତ୍ୱପୂର୍ଣ୍ଣ କାମ ପଡିଗଲା ଯେ ତାହାକୁ କ୍ୟାନସେଲ କରିପାରି ନ ଥିଲି। ସେପଟେ ସାଙ୍ଗ ମାନଙ୍କୁ ଟ୍ରିଟ୍ ଦେବାକୁ କଥା ଦେଇଥିଲି,ହେଲେ ତାହା ହୋଇପାରିଲା ନାହିଁ। ତେଣୁ ସେମାନଙ୍କୁ ଫୋନ୍‌ରେ 'ସରି' କହିସାରିଛି। ନିକଟରେ କେବେ ସମୟ ମିଳିଲେ ମୋ କଥା ମୁଁ ନିଶ୍ଚୟ ରକ୍ଷା କରିବି।' ଆଉ ଏପଟେ ରୋହନ ଶ୍ରେଷ୍ଠାଙ୍କ ସହ ତାଙ୍କର ପ୍ରେମକୁ ନେଇ ଆଲୋଚନା ଯେତିକି ବଢୁଛି ସେପଟେ ଶ୍ରଦ୍ଧା ସେତିକି ମନ ଦୁଃଖ କରୁଛନ୍ତି। ହେଲେ ଏ ନେଇ ସେ କେବଳ ଏତିକି କହିଛନ୍ତି ଯେ, ତାଙ୍କର ଏବେ ପ୍ରେମ କରିବାକୁ ସମୟ ନାହିଁ। କାରଣ କ୍ୟାରିୟର କିପରି ଆଗକୁ ଯିବ ସେଥିପାଇଁ ସେ ଚିନ୍ତିତ। ତେବେ ଏଭଳି ଚର୍ଚ୍ଚା ପଛରେ କେତେ ସତ୍ୟତା ଅଛି ତାହା ଜାଣିବାକୁ ବାକି ରହିଲା।





# କାଜଲଙ୍କ ମୌନ ଅବତାର

ତେଲୁଗୁ ଅଭିନେତ୍ରୀ କାଜଲ ଅଗ୍ରୱାଲ ଏବେ ଅଧିକାଂଶ ସମୟ ନୀରବ ରହୁଛନ୍ତି। କେହି ଭେଟ ହେଲେ ଅଳ୍ପ ସମୟ କଥା ହେଉଛନ୍ତି। ପୂର୍ବରୁ ତାଙ୍କ ସହ କାହାର ଭେଟ ହେଲେ ସେ ବେଶ କିଛି ସମୟ କଥା ହେଉଥିଲେ, ହେଲେ ଏବେ ତାଙ୍କର ମୌନ ଅବତାର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନିକଟରେ ତାଙ୍କ ଅଭିନୀତ ଏକ ତେଲୁଗୁ ଫିଲ୍ମର ଟିଜର ରିଲିଜ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସେ ଚୁପଚାପ ବସିଥିବାର ଦେଖିବାକୁ ମିଳିଥିଲା। ଏ ବିଷୟରେ କାଜଲ କହନ୍ତି, 'ମୁଁ ଏବେ ଅଧିକାଂଶ ସମୟ ନୀରବ ରହୁଛି। ତା' ପଛରେ ସେମିତି କିଛି କାରଣ ନାହିଁ। କାରଣ ମୁଁ ଟିକେ ଅଧିକ ଗପିବା କମାଇ ଦେଇଛି।' ହେଲେ ଅସଲ କଥା କ'ଣ ଜାଣନ୍ତି ? କିଛି ସପ୍ତାହ ପୂର୍ବରୁ ସେ ଜଣେ ସାଧୁଙ୍କ ନିକଟକୁ ଯାଇଥିଲେ। ସେ କୁଆଡେ ତାଙ୍କୁ ଅଧିକାଂଶ ସମୟ ଚୁପଚାପ ରହିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଘରେ ପୂଜାପାଠ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି, ଯାହାକୁ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି କାଜଲ।

# ବନ୍ଦ ଘରେ ଆଲିଆ

ମହେଶ ତନୟା ଆଲିୟା ଏବେ ଏକ ବନ୍ଦ ଘରେ ରହୁଛନ୍ତି। ଖୁବ୍ ଅଳ୍ପ ସମୟ ପାଇଁ ବାହାରକୁ ବାହାରୁଛନ୍ତି। ପୁଣି ତା' ଭିତରକୁ ଆଉ କେହି ଯାଇପାରିବେ ନାହିଁ। ହେଲେ ସେହି ଘର ଭିତରେ ସେ କ'ଣ କରୁଛନ୍ତି ? ଏହା ପଛରେ ସେମିତି କିଛି ସ୍ପେଶାଲ କଥା ନାହିଁ। ନିଜ ମନ ପସନ୍ଦର ଏକ କାହାଣୀ ଖୋଜିବାରେ ବ୍ୟସ୍ତ ଅଛନ୍ତି ସେ। ଏ ନେଇ ମହେଶଙ୍କ ନିକଟରୁ ସବୁଜ ସଙ୍କେତ ପାଇବା ପରେ ସେ ବ୍ୟସ୍ତ ହୋଇପଡିଛନ୍ତି। ଏପରି କି କିଛି ଦିନ ପାଇଁ ନିଜର ସବୁ କାମକୁ କ୍ୟାନସେଲ କରି କାହାଣୀ ଖୋଜୁଛନ୍ତି ଆଲିୟା। ଏ ସମ୍ପର୍କରେ ସେ କହନ୍ତି, 'ଏକ ଭଲ କାହାଣୀକୁ ନେଇ ସିନେମା ନିର୍ମାଣ କରିବାକୁ ପାପା ଆଗ୍ରହ ପ୍ରକାଶ କରିଛନ୍ତି। ତେଣୁ ଏହି କାହାଣୀ ଖୋଜା ଦାୟିତ୍ୱ ମୁଁ ନିଜ ମୁଣ୍ଡ ଉପରକୁ ନେଇଛି। ଅବଶ୍ୟ ୩-୪ଟି କାହାଣୀ ମୋ ମନକୁ ଛୁଇଁଛି। ହେଲେ ତା' ଭିତରୁ କିଏ ବେଷ୍ଟ ହେବ ତାହା ଚୟନ କରିବା ବଡ କଥା। ଅସଲ କଥା ହେଲା, ହୋମ ବ୍ୟାନରରେ ପ୍ରସ୍ତୁତ ହେବାକୁ ଥିବା ଏହି ଫିଲ୍ମରେ ମୁଁ ଅଭିନୟ କରିବି। ତେଣୁ କାହାଣୀକୁ ନେଇ ମୁଁ ସିରିୟସ ଅଛି।



# ଦୋଛକିରେ ଦିଶା

ଏକ ନୂଆ ସିନେମାକୁ ନେଇ ଦିଶା ପଟାନି ଦୋଛକିରେ ପଡ଼ିଯାଇଛନ୍ତି। ଏହାର କାହାଣୀ ସିନା ମନକୁ ଛୁଇଁଛି ହେଲେ ତାହାର କାଷ୍ଟିଂକୁ ନେଇ ଅଡୁଆରେ ପଡ଼ିଛନ୍ତି। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମରେ ଦିଶାଙ୍କ ଅପୋଜିଟ୍‌ରେ ପ୍ରଯୋଜକ ଜଣେ ନବାଗତଙ୍କୁ ନେବାକୁ ଚାହୁଁଛନ୍ତି। ହେଲେ ଦିଶାଙ୍କ ଇଚ୍ଛା ସୁଶାନ୍ତ ସିଂ ରାଜପୁତ କେମିତି ଏଥିରେ ଏଣ୍ଟ୍ରି କରିବେ। ଏପରି କି ନିଜ ମନ କଥା ସେ ପ୍ରଯୋଜକଙ୍କୁ କହିସାରିଛନ୍ତି। ହେଲେ ଏ ସମ୍ପର୍କରେ କିଛି ଉତ୍ତର ମିଳି ନାହିଁ। ପ୍ରଯୋଜକ ଏହାକୁ ନେଇ ଯେତିକି ନୀରବ ରହୁଛନ୍ତି ଦିଶାଙ୍କ ଟେନସନ ସେତିକି ବଢ଼ିଯାଉଛି। ହେଲେ ଏଭଳି କଥାକୁ ନେଇ ନିକଟରେ ସଫେଇ ଦେଇଛନ୍ତି ସୁଶାନ୍ତ। ସେ କହିଛନ୍ତି, 'ଏ କଥା ମୁଁ ବାହାରୁ ଶୁଣୁଛି। ଦିଶା ନିଜେ ମଧ୍ୟ ମୋତେ ଏ ବିଷୟରେ କିଛି କହିନାହାନ୍ତି। ସେହି ଫିଲ୍ମରେ କିଏ ତାଙ୍କର ନାୟକ ହେବ ତାହା ପ୍ରଯୋଜକଙ୍କ ଉପରେ ହିଁ ନିର୍ଭର କରେ। ମୁଁ ଚାହିଁଲେ କିମ୍ବା ଦିଶା କହିଲେ ତାହା ତ ହେବ ନାହିଁ।' ତେବେ ଏଥିରେ ଦିଶାଙ୍କ ସହ କିଏ ସ୍କ୍ରିନ୍ ସେୟାର କରୁଛି ତାହା ଜାଣିବାକୁ ଆମକୁ ଅପେକ୍ଷା କରିବାକୁ ପଡ଼ିବ।



ଦିଶା ପଟାନି

# ଅଭିନବ ପ୍ରୟାସ

ଥରେ ମନେ ପକାନ୍ତୁ ନା ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର 'ଆଇ ଲଭ୍ ୟୁ'କୁ। ଏଥିରେ ସଂଯୋଜିତ 'ମିତରେ ମିତ' ଗୀତଟିକୁ ଏବେ ମଧ୍ୟ ଅନେକ ଗୁଣୁଗୁଣେଇ ଥାଆନ୍ତି। ବର୍ତ୍ତମାନର ଅନ୍ୟତମ ଲୋକପ୍ରିୟ ଅଭିନେତା ଅନୁଭବ ମହାନ୍ତିଙ୍କର ଏହା ଥିଲା ପ୍ରଥମ ଚଳଚ୍ଚିତ୍ର। ହର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ତାଙ୍କର ନିଖୁଣ ଅଭିନୟ ତାଙ୍କୁ ରାତାରାତି ଷ୍ଟାର ମାନ୍ୟତା ଦେଇଥିଲା। ପରବର୍ତ୍ତୀ ସମୟରେ ସେ ବେଶ୍ କେତୋଟି ହିଟ୍ ଫିଲ୍ମରେ ଅଭିନୟ କରିସାରିଛନ୍ତି। ଚଳିତ ଦଶହରାରେ ତାଙ୍କ ଅଭିନୀତ 'ପ୍ରେମ କୁମାର' ତାଙ୍କ କ୍ୟାରିୟରକୁ ଆହୁରି ମାଇଲେଜ ଦେଇଛି । ଏ ସମ୍ପର୍କରେ ଅନୁଭବ କହନ୍ତି, 'ଏଥିରେ ମୋତେ ମିଳିଥିବା ଭୂମିକା ସତେ ଯେମିତି ମୋ ପାଇଁ ଚ୍ୟାଲେଞ୍ଜ ଥିଲା। ଫିଲ୍ମର ସୁଟିଂ ସମୟରେ ମୁଁ ଆହତ ହୋଇଥିଲେ ମଧ୍ୟ ଏପରି ଭୂମିକାକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ମନୋବଳ ଦୃଢ଼ କରିଥିଲି। ଏହି ଫିଲ୍ମର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଏଥିରେ ମୋର ଅଲରାଉଣ୍ଡର ଭୂମିକାକୁ ଦର୍ଶକ ଗ୍ରହଣ କରିଛନ୍ତି, ତାହା ମୋ ପାଇଁ ବଡ କଥା। ଦର୍ଶକ କିପରି ଏକ ସ୍ପେଶାଲ ଏଣ୍ଟରଟେନମେଣ୍ଟ ପାଇବେ ସେଥିପାଇଁ ମୁଁ ସବୁବେଳେ ପ୍ରୟାସ କରିଥାଏ। ପ୍ରତିଦ୍ୱନ୍ଦ୍ୱିତାରେ ମୁଁ ବିଶ୍ୱାସ କରେନା। ମୋତେ ଯେଉଁ ଦାୟିତ୍ୱ ଦିଆଯାଏ ତାହାକୁ କିପରି ତୁଲାଇବି ସେ ନେଇ ସବୁବେଳେ ସଚେତନ ଥାଏ।' 'ପ୍ରେମ କୁମାର'ର ସଫଳତା ପରେ ଅନୁଭବ ଏକ ସୁନ୍ଦର କାହାଣୀକୁ ନେଇ ସିନେମାଟିଏ ନିର୍ମାଣ କରିବାକୁ ଯାଉଛନ୍ତି।



ଅନୁଭବ

# ପ୍ରଥମ ବିଶ୍ୱଯୁଦ୍ଧ
# ଦି ଗ୍ରେଟ୍ ୱାର



ବିଶ୍ୱ ଇତିହାସର ସବୁଠୁ ଲୋମହର୍ଷଣକାରୀ ଦସ୍ତାବିଜ ଥିଲା ପ୍ରଥମ ବିଶ୍ୱଯୁଦ୍ଧ। ୧୯୧୪ ଜୁଲାଇ ୨୮ତାରିଖରୁ ଆରମ୍ଭ ହୋଇ ଚାରିବର୍ଷର ଭୟଙ୍କର ଲଢ଼େଇପରେ ୧୯୧୮ ମସିହା ନଭେମ୍ବର ୧୧ ତାରିଖ ଦିନ ହେଲା ଯୁଦ୍ଧ ବିରତି। ଅର୍ଥାତ୍ ପ୍ରଥମ ବିଶ୍ୱଯୁଦ୍ଧ ସମାପ୍ତିର ହୋଇଯାଇଛି ୧୦୦ବର୍ଷ ପୂର୍ତ୍ତି। ସେହି ମହାସମର ସହିତ ଜଡିତ କେତେକ ବିଶେଷ ଘଟଣା...

ପ୍ରଥମ ବିଶ୍ୱଯୁଦ୍ଧକୁ 'ଗ୍ରେଟ୍ ୱାର' ବା 'ଗ୍ଲୋବାଲ୍ ୱାର୍' ବି କୁହାଯାଏ। ସେତେବେଳେ ଧାରଣା ଥିଲା ଯେ, ଏହି ଯୁଦ୍ଧ ପରେ ସବୁ ଯୁଦ୍ଧର ଅନ୍ତ ଘଟିବ। ତେଣୁ ଏହାକୁ 'ୱାର୍ ଟୁ ଏଣ୍ଡ ଅଲ୍ ୱାର୍ସ' ବି କୁହାଯାଉଥିଲା। କିନ୍ତୁ ସେଭଳି କିଛି ଘଟିଲାନି। ଏହି ଯୁଦ୍ଧର କିଛିବର୍ଷ ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ହେଲା। ଏହାକୁ 'ଗ୍ରେଟ୍ ୱାର' ଏଇଥିପାଇଁ କୁହାଯାଉଥିଲା କାରଣ ସେ ସମୟରେ ତା'ଠାରୁ ବଡ ଯୁଦ୍ଧ ହୋଇ ନ ଥିଲା। ଏହି ଯୁଦ୍ଧ ୨୮ ଜୁଲାଇ ୧୯୧୪ରୁ ୧୧ ନଭେମ୍ବର ୧୯୧୮ ପର୍ଯ୍ୟନ୍ତ ଚାଲିଥିଲା। ଯେଉଁଥିରେ ମୃତ୍ୟୁ ସଂଖ୍ୟା ଥିଲା ୧ କୋଟି ୭୦ ଲକ୍ଷ, ତନ୍ମଧ୍ୟରେ ୧ କୋଟି ୧୦ ଲକ୍ଷ କେବଳ ସିପାହି ଥିଲେ। ଆଉ ୬୦ ଲକ୍ଷ ବେସାମରିକ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଏଥିରେ ଆହତଙ୍କ ସଂଖ୍ୟା ଥିଲା ୨କୋଟି ।

ଏହି ଯୁଦ୍ଧରେ ଗୋଟିଏ ପଟେ ଆଲାଇଡ ଶକ୍ତି ଓ ଅନ୍ୟ ପଟେ ଥିଲେ ସେଣ୍ଟ୍ରାଲ ବା କେନ୍ଦ୍ର ଶକ୍ତି। ଆଲାଇଡ ବା ମିତ୍ର ଶକ୍ତିରେ ରୁଷ, ଫ୍ରାନ୍ସ, ବ୍ରିଟେନ୍, ସଂଯୁକ୍ତ ରାଷ୍ଟ୍ର ଆମେରିକା ଓ ଜାପାନ ଥିଲେ। ଯଦିଓ ସଂଯୁକ୍ତ ରାଷ୍ଟ୍ର ଆମେରିକା ୧୯୧୭-୧୮ରେ ଏଥିରେ ଯୋଗ ଦେଇଥିଲେ। କେନ୍ଦ୍ର ଶକ୍ତିରେ କେବଳ ୩ଟି ଦେଶ ଥିଲେ। ସେ ହେଉଛନ୍ତି ଅଷ୍ଟ୍ରୋ-ହଙ୍ଗେରିଆନ୍, ଜର୍ମାନୀ ଓ ଅଟୋମନ ଏମ୍ପାୟର୍।

**ପ୍ରଥମ ବିଶ୍ୱଯୁଦ୍ଧର କାରଣ**- ଏହି ଯୁଦ୍ଧର ୪ଟି ମୁଖ୍ୟ କାରଣ ଥିବା କୁହାଯାଏ। ଏହାକୁ MAIN ରୂପରେ ମନେ ରଖାଯାଇଥାଏ। ଯେଉଁଥିରେ M- ମିଲିଟାରିଜମ୍ ବା ସାମରିକତା, A- ଆଲାଏନ୍ସ ସିଷ୍ଟମ୍ ବା ସନ୍ଧି ପଦ୍ଧତି, I- ଇମ୍ପେରିଆଲିଜମ୍ ବା ସାମ୍ରାଜ୍ୟବାଦ ଓ N- ନ୍ୟାଶନାଲିଜମ୍ ବା ରାଷ୍ଟ୍ରବାଦ।

**ସବୁଠୁ ବଡ଼ କାରଣ ଆର୍କଡ୍ୟୁକ୍ ଫ୍ରାଞ୍ଜ ଫର୍ଡିନାଣ୍ଡଙ୍କ ହତ୍ୟା**- ପ୍ରଥମ ବିଶ୍ୱଯୁଦ୍ଧର ଆରମ୍ଭ ହେଲା ଅଷ୍ଟ୍ରିଆର ରାଜ କୁମାର ଆର୍କଡ୍ୟୁକ୍ ଫ୍ରାଞ୍ଜ ଫର୍ଡିନାଣ୍ଡଙ୍କ ହତ୍ୟା ପରେ। ଯିଏ କି ଆଗକୁ ରାଜା ହୋଇଥାଆନ୍ତେ। ସେ ନିଜ ପତ୍ନୀଙ୍କ ସହ ବୋସନିଆରେ ଥିବା ସାରାଜେୱୋରେ ଭ୍ରମଣ କରୁଥିଲେ। ଆଉ ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ହତ୍ୟା କରାଗଲା। ଘଟଣାଟି ୨୮ ଜୁନ ୧୯୧୪ରେ ଘଟିଥିଲା। ଅଷ୍ଟ୍ରିଆ-ହଙ୍ଗେରୀକୁ ଲାଗିଥିଲା ସର୍ବିଆ ଯିଏ କି ବୋସନିଆକୁ ସ୍ୱାଧୀନତା ଦେବା ପାଇଁ ସାହାଯ୍ୟ କରୁଥିଲା ଓ ଏହି ହତ୍ୟାରେ ସାମିଲ ଥିଲା। ତେଣୁ ତାକୁ ଧମକ ଦେବାକୁ ଲାଗିଲା। ସର୍ବିଆକୁ ତାଙ୍କ ନିକଟରେ ଆତ୍ମସମର୍ପଣ କରି ତାଙ୍କ ଅଧୀନକୁ ଆସିଯିବା ପାଇଁ ଧମକ ଦେଲା। ଏହି ଘଟଣାରେ ସର୍ବିଆ ରୁଷର ସାହାଯ୍ୟ ଲୋଡ଼ିଲା। ଆଉ ସେ ରାଜି ହୋଇଗଲା। ଏପଟେ ଅଷ୍ଟ୍ରିଆ -ହଙ୍ଗେରୀ ଜର୍ମାନୀର ସାହାଯ୍ୟ ମାଗିଲା। ଆଉ ଜର୍ମାନୀ ଅଷ୍ଟ୍ରିଆ-ହଙ୍ଗେରୀକୁ ସାହାଯ୍ୟ କରିବାକୁ ରାଜି ହେଲା। ସମର୍ଥନ ପାଇବା ପରେ ଅର୍ଥାତ୍ ଘଟଣାର ଏକ ମାସ ପରେ ଅଷ୍ଟ୍ରିଆ-ହଙ୍ଗେରୀ, ସର୍ବିଆ ଉପରେ ଆକ୍ରମଣ କଲା। ଏହାପରେ ଋଷ ଜର୍ମାନୀ ସହ ଯୁଦ୍ଧ କରିବାକୁ ଘୋଷଣା କଲା। କିଛିଦିନ ପରେ ଫ୍ରାନ୍ସ, ଜର୍ମାନୀ ସହ ଲଢେଇ କରିବାକୁ ଘୋଷଣା କଲା। ଫ୍ରାନ୍ସର ଯୁଦ୍ଧର କାରଣ ଥିଲା ଟ୍ରିପଲ ଇଣ୍ଟେଣ୍ଟ ସନ୍ଧି। ଏହି ସମୟ ପର୍ଯ୍ୟନ୍ତ ବ୍ରିଟେନ୍ ଏଥିରେ ସାମିଲ ନ ଥିଲା। ପରେ ପରେ ବ୍ରିଟେନ ବି ସର୍ବିଆକୁ ସାହାଯ୍ୟ କଲା। ଅର୍ଥାତ୍ ଋଷ, ଫ୍ରାନ୍ସ, ବ୍ରିଟେନ୍ ସର୍ବିଆକୁ ସାହାଯ୍ୟ କଲେ। ପରେ ଜାପାନ, ବ୍ରିଟେନ୍ ପକ୍ଷରୁ ଏବଂ ଉସମାନିଆ, ଜର୍ମାନୀ ପକ୍ଷରୁ ଯୁଦ୍ଧରେ ସାମିଲ ହେଲେ। ୧୯୧୭ରେ ଯେବେ ଜର୍ମାନୀ ଇଂଲଣ୍ଡର ଜାହାଜକୁ ବୁଡାଇଦେଇଥିଲା। ସେଥିରେ କିଛି ଆମେରିକୀୟ ନାଗରିକ ଥିଲେ। ଫଳରେ ସଂଯୁକ୍ତ ରାଷ୍ଟ୍ର ଆମେରିକା ମିତ୍ର ରାଷ୍ଟ୍ର ଗ୍ରେଟ ବ୍ରିଟେନ୍, ଫ୍ରାନ୍ସ, ଋଷ, ଇଟାଲୀ ଓ ଜାପାନ ସହ ସାମିଲ ହେଲେ। ପ୍ରାରମ୍ଭରେ ଜର୍ମାନୀ ବିଜୟ ଲାଭ କରିଥିଲା। ଋଷ କ୍ରାନ୍ତି ଯୋଗୁଁ ଋଷ ଏହି ମହାଯୁଦ୍ଧରୁ ଓହରିଯାଇଥିଲା।୧୯୧୮ରେ ବ୍ରିଟେନ, ଫ୍ରାନ୍ସ ଓ ଆମେରିକା ମିଳିତଭାବେ ଜର୍ମାନୀ ଓ ଅନ୍ୟ ରାଷ୍ଟ୍ରକୁ ପରାସ୍ତ କଲେ। ଶେଷରେ ଜର୍ମାନୀ ଓ ଅଷ୍ଟ୍ରିଆର ପ୍ରାର୍ଥନାକ୍ରମେ ୧୧ ନଭେମ୍ବର ୧୯୧୮ରେ ଏହି ମହାଯୁଦ୍ଧର ପରିସମାପ୍ତି ଘଟିଲା।

## ପ୍ରଥମ ବିଶ୍ୱଯୁଦ୍ଧ ଓ ଭାରତ

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଭାରତ ଔପନିବେଶିକ ଶାସନ ଅଧୀନରେ ଥିଲା। ଏହି ସମୟ ଥିଲା ଭାରତୀୟ ଜାତୀୟତାବାଦର ପରିପକ୍ୱତା ସମୟ। ତେଣୁ ପ୍ରଥମ ବିଶ୍ୱଯୁଦ୍ଧରେ ବ୍ରିଟେନ୍‌ର ଭାଗୀଦାରିକୁ ନେଇ ଜାତୀୟତାବାଦୀମାନଙ୍କର ମତାମତକୁ ତିନୋଟି ପ୍ରମୁଖ ଭାଗରେ ବିଭକ୍ତ କରାଗଲା। ନରମପନ୍ଥୀମାନେ ବିଶ୍ୱଯୁଦ୍ଧ ପାଇଁ ବ୍ରିଟେନର ଭୂମିକାକୁ ପୂର୍ଣ୍ଣ ସମର୍ଥନ କରିଥିବାବେଳେ ଚରମପନ୍ଥୀମାନେ ବି ଯୁଦ୍ଧରେ ବ୍ରିଟେନ୍‌କୁ ସମର୍ଥନ କରିଥିଲେ। କାରଣ ସେମାନଙ୍କର ବିଶ୍ୱାସ ଥିଲା ଯେ, ଯୁଦ୍ଧ ପରେ ବ୍ରିଟେନ ହୁଏତ ଭାରତର ସ୍ୱାୟତ୍ତତା ସମ୍ବନ୍ଧରେ ଦୃଢ଼ ପଦକ୍ଷେପ ନେବ। କିନ୍ତୁ ବିପ୍ଳବୀମାନଙ୍କର ମତ ଥିଲା କିଛି ଭିନ୍ନ। ଏମାନେ ଭାବିଥିଲେ ଏହି ଯୁଦ୍ଧ ବ୍ରିଟେନ୍ ବିରୋଧରେ ଆତଙ୍କବାଦୀ ଗତିବିଧିକୁ ସଞ୍ଚାଳିତ କରିବାର ଏକ ସୁବର୍ଣ୍ଣ ସୁଯୋଗ, ଯାହାର ଫାଇଦା ନେଇ ସାମ୍ରାଜ୍ୟବାଦୀ ସତ୍ତାର ମୂଳୋତ୍ପାଟନ କରିହେବ।

ପ୍ରଥମ ବିଶ୍ୱଯୁଦ୍ଧରେ ଭାରତୀୟ ସିପାହି ସମଗ୍ର ବିଶ୍ୱରେ ଭିନ୍ନ ଭିନ୍ନ ସ୍ଥାନରେ ଲଢିଥିଲେ। ତା'ସହିତ ଭାରତ ମଧ୍ୟ ଏହି ଯୁଦ୍ଧ ପାଇଁ ଉଭୟ ଲୋକଶକ୍ତି ଓ ସାମଗ୍ରୀରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲା। ସେ ସମୟରେ ଭାରତୀୟ ସିପାହି ଫ୍ରାନ୍ସ, ବେଲ୍‌ଜିୟମ, ଆରବ, ପୂର୍ବ ଆଫ୍ରିକା, ମେସୋପଟାମିଆ, ସାଲୋନିକା ତଥା ସମଗ୍ର ବିଶ୍ୱର ବିଭିନ୍ନ ଯୁଦ୍ଧ ମଇଦାନକୁ ଓହ୍ଲାଇ ବଡ଼ ପରାକ୍ରମ ସହକାରେ ଲଢ଼େଇ କରିଥିଲେ; ଯେଉଁଥିପାଇଁ ପରବର୍ତ୍ତୀ ସମୟରେ ଗଡ୍‌ୱାଲ୍ ରାଇଫଲ୍ସ ରେଜିମେଣ୍ଟର ଦୁଇ ସିପାହିଙ୍କୁ ବ୍ରିଟେନ୍‌ର ସର୍ବୋଚ୍ଚ ପଦକ 'ଭିକ୍ଟୋରିଆ କ୍ରସ୍' ପ୍ରଦାନ କରାଯାଇଥିଲା।

କିନ୍ତୁ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଜର୍ମାନୀ ପ୍ରାଣପଣେ ଚେଷ୍ଟା କରିଥିଲା ଭାରତରେ କିପରି ବ୍ରିଟେନ୍ ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଯାଉ। ସେହିପରି ଆଉ କେତେକେ ବିଚାର କରୁଥିଲେ, ଯଦି ବ୍ରିଟେନ୍ ଯୁଦ୍ଧରେ ମନୋନିବେଶ କରେ, ତା'ହେଲେ ଭାରତରେ ଥିବା ବିପ୍ଳବୀମାନେ ଏହି ଅବସରରେ ଲାଭ ଉଠାଇ ଦେଶରୁ ଇଂରେଜମାନଙ୍କୁ ବିତାଡ଼ିତ କରିବାରେ ସଫଳତା ପାଇଯିବେ। ହେଲେ ଏହି ଚିନ୍ତାଧାରାର ଓଲଟା ବିଚାର କରୁଥିଲେ ଭାରତୀୟ ଜାତୀୟ କଂଗ୍ରେସର ନେତାମାନେ। ସେମାନେ ଭାବୁଥିଲେ, ସ୍ୱାଧୀନତା ପ୍ରାପ୍ତି ପାଇଁ ଏହି ସମୟରେ ବ୍ରିଟେନକୁ





ସହାୟତା କରିବା ନିହାତି ଜରୁରୀ। ଶେଷରେ ସେୟା ହିଁ ହେଲା, ଆଉ ସେତେବେଳେ ବ୍ରିଟେନ୍ ଭାରତର ନେତାମାନଙ୍କୁ ନିଜ ସପକ୍ଷରେ ନେଇଗଲା। ଅପରପକ୍ଷେ ଦେଶୀୟ ରାଜ୍ୟର ରାଜାମାନେ ବି ଏହି ଯୁଦ୍ଧରେ ହୃଦୟଖୋଲି ବ୍ରିଟେନ୍‌କୁ ଉଭୟ ଆର୍ଥିକ ଏବଂ ସୈନିକ ସହାୟତା ଦେଲେ। ସୂଚନାନୁଯାୟୀ, ପ୍ରାୟ ୮ ଲକ୍ଷ ଭାରତୀୟ ସୈନିକ ଏହି ଯୁଦ୍ଧରେ ସାମିଲ ହୋଇଥିଲେ। ତନ୍ମଧ୍ୟରୁ ପ୍ରାୟ ୪୭,୭୪୬ ଜଣ ସୈନିକ ମୃତ୍ୟୁବରଣ କରିବା ସହ ପ୍ରାୟ ୬୫,୦୦୦ ସୈନିକ ଆହତ ହୋଇଥିଲେ। ତା'ଛଡ଼ା ଏହି ଯୁଦ୍ଧ ପାଇଁ ଭାରତର ଆର୍ଥିକ ସ୍ଥିତି ପ୍ରାୟ ଦେବାଳିଆ ହୋଇ ଯାଇଥିଲା।

ବିଶ୍ୱଯୁଦ୍ଧ ସମୟରେ ଭାରତୀୟ ଜାତୀୟ କଂଗ୍ରେସର ବଡ଼ ବଡ଼ ନେତାମାନେ ବ୍ରିଟେନ୍‌କୁ ସମର୍ଥନ କରୁଥିବାର ଦେଖି ବ୍ରିଟେନ୍‌ର ଚିନ୍ତାଶୀଳ ବ୍ୟକ୍ତି ମଧ୍ୟ ସେତେବେଳେ ଚକିତ ହୋଇପଡ଼ିଥିଲେ। ଏପଟେ ଭାରତୀୟ ନେତାମାନେ ଭାବିଥିଲେ, ଯଦି ସେମାନେ ବିଶ୍ୱଯୁଦ୍ଧ ସମୟରେ ବ୍ରିଟେନ୍‌କୁ ସହଯୋଗ କରିବେ, ତା'ହେଲେ ଇଂରେଜମାନେ ଖୁସି ହୋଇ ଭାରତକୁ ପୁରସ୍କାର ସ୍ୱରୂପ ସ୍ୱାଧୀନତା ଦେଇଦେବେ ନଚେତ୍ ଅତି କମ୍‌ରେ ସ୍ୱାୟତ୍ତତା ପ୍ରଦାନ କରିବେ। କିନ୍ତୁ ଏମିତି କିଛି ବି ହେଲା ନାହିଁ। ଓଲଟା ଇଂରେଜମାନେ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ପରି କ୍ରୁର କାର୍ଯ୍ୟ କରି ଭାରତୀୟଙ୍କ ମୁହଁକୁ ଏକ ଶକ୍ତ ଚାପୁଡ଼ା ମାରିଥିଲେ।


## ପ୍ରଥମ ବ୍ଲଡ୍ ବ୍ୟାଙ୍କ୍

ପ୍ରଥମ ବିଶ୍ୱଯୁଦ୍ଧର ଲୋମହର୍ଷଣକାରୀ ପରିସ୍ଥିତି ଆଉ ସୈନିକମାନଙ୍କ ବିଭତ୍ସମୃତ୍ୟୁର କାହାଣୀ ଶୁଣିଲେ ଏବେ ବି ମନରେ ଭୟର ଆତଙ୍କ ଖେଳିଯାଏ। ତେବେ ଏହି ଭୟଙ୍କର ଯୁଦ୍ଧରେ ମୃତ୍ୟୁସହ ସଂଘର୍ଷ କରୁଥିବା ଆହତ ସୈନିକମାନଙ୍କ ଚିକିତ୍ସା ପାଇଁ ବ୍ୟବହୃତ କେତେକ ନୂତନ ଉପାୟ ଭବିଷ୍ୟତର ଚିକିତ୍ସା ବିଭାଗ ଲାଗି ବରଦାନ ପାଲଟିଗଲା। ଏମିତି ଏକ ଅନୁପମ ସୃଷ୍ଟି ଥିଲା ପୃଥିବୀର ସର୍ବପ୍ରଥମ ବ୍ଲଡ୍ ବ୍ୟାଙ୍କ୍‌ର ପ୍ରତିଷ୍ଠା। ଯୁଦ୍ଧ ସମୟରେ ଦେହରେ ସୃଷ୍ଟ କ୍ଷତରୁ ବହୁ ପରିମାଣରେ ହେଉଥିବା ରକ୍ତ କ୍ଷୟ ଯୋଗୁଁ ଅଧିକାଂଶ ସୈନିକଙ୍କ ପ୍ରାଣହାନି ଘଟୁଥିଲା। ଚିକିତ୍ସା ଦ୍ୱାରା ଜୀବନରକ୍ଷା ନିମନ୍ତେ କ୍ଷତାକ୍ତ ସୈନିକମାନଙ୍କୁ ରକ୍ତ ଦିଆଯିବା ନିହାତି ଆବଶ୍ୟକ ହୋଇପଡିଥିଲା। ତେଣୁ ଜଣେ ସୁସ୍ଥ ବ୍ୟକ୍ତିଙ୍କଠାରୁ ଆହତ ସୈନିକଙ୍କ ଶରୀରକୁ ଧମନୀ ବାଟଦେଇ ଛୁଞ୍ଚି ସାହାଯ୍ୟରେ ରକ୍ତ ଦିଆଯାଉଥିଲା, ଯାହାକୁ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ବା ରକ୍ତ ଅନ୍ତର୍ଭରଣ ପ୍ରକ୍ରିୟା କୁହାଯାଇଥାଏ। ହେଲେ ଯଥା ସମୟରେ ରକ୍ତ ମିଳିବା କଷ୍ଟ ହେଉ ଥିବାରୁ ସବୁ ଆହତ ସୈନିକଙ୍କୁ ବଞ୍ଚାଯାଇବା ସମ୍ଭବ ହୋଇ ପାରୁ ନ ଥିଲା, ଯାହା କି ଚିକିତ୍ସକମାନଙ୍କ ଲାଗି ଚିନ୍ତାର କାରଣ ପାଲଟିଥିଲା। ଏହି ସମସ୍ୟାର ସମାଧାନ ନିମନ୍ତେ ୧୯୧୭ରେ ଜଣେ ଆମେରିକା ଆର୍ମି ଡାକ୍ତର କ୍ୟାପ୍ଟେନ୍ ଓସ୍‌ୱାଲ୍ଡ ରବର୍ଟସନ୍ ସର୍ବପ୍ରଥମେ ବ୍ଲଡ୍ ବ୍ୟାଙ୍କ୍ ପ୍ରତିଷ୍ଠା କରିଥିଲେ। ସୋଡିଅମ୍ ସାଇଟ୍ରେଟ୍ ନାମକ ରାସାୟନିକ ବ୍ୟବହାର କରି ସଂଗୃହୀତ ରକ୍ତକୁ ଜମାଟ ବାନ୍ଧିବା କିମ୍ବା ନଷ୍ଟ ହେବାରୁ ରକ୍ଷା କରିବାରେ ସଫଳ ହେଲେ। ଏହା ସାହାଯ୍ୟରେ ବରଫରେ ଦୀର୍ଘ ୨୮ଦିନ ପର୍ଯ୍ୟନ୍ତ ରକ୍ତକୁ ସଂଗୃହୀତ କରି ରଖାଯାଇପାରିଲା ଏବଂ ଆବଶ୍ୟକ ସମୟରେ ଆହତଙ୍କ ଚିକିତ୍ସାରେ ବ୍ୟବହାର ହୋଇପାରିଲା।

## ମଡର୍ନ ବ୍ରିଟିଶ୍ ପ୍ଲାଷ୍ଟିକ୍ ସର୍ଜରି

ପ୍ଲାଷ୍ଟିକ୍ ସର୍ଜରି ଆଜି କାହାପାଇଁ ଏକ ଅଜଣା ବିଷୟ ନୁହେଁ। ମେଡ଼ିକାଲ୍ ସାଇନ୍ସ ଆଜି ଆସି ଏଭଳି ଏକ ସୋପାନରେ ଠିଆ ହୋଇଛି ଯେ, ଜଣେ ପୀଡ଼ିତ ବ୍ୟକ୍ତିର ଶରୀରରେ ଖୁବ୍ ସହଜରେ ପ୍ଲାଷ୍ଟିକ୍ ସର୍ଜରି କରାଯାଇପାରୁଛି ଏବଂ କ୍ଷତିଗ୍ରସ୍ତ ହୋଇଥିବା ଶରୀରକୁ ଅବିକଳ ତା'ର ପୂର୍ବାବସ୍ଥାକୁ ଫେରେଇ ଅଣାଯାଇ ପାରୁଛି। କେହିକେହି ତ ମଣିଷ ସମାଜ ପାଇଁ ପ୍ଲାଷ୍ଟିକ୍ ସର୍ଜରୀକୁ ଆଧୁନିକ ଭେଷଜ ବିଜ୍ଞାନର ଏକ ବରଦାନ ବୋଲି କହିଥାନ୍ତି। ତେବେ ଆଜି ଆମେ ଯେଉଁ ଆଡ୍‌ଭାନ୍ସ ପ୍ଲାଷ୍ଟିକ୍ ସର୍ଜରୀର ଜୟଗାନ କରୁଛେ ତାହାର ଜନ୍ମ ହୋଇଥିଲା ଏହି ଭୟଙ୍କର ଯୁଦ୍ଧର ଘନଘଟା ମଧ୍ୟରେ। ଗବେଷକଙ୍କ ମତରେ ପ୍ରଥମ ବିଶ୍ୱଯୁଦ୍ଧ ହିଁ 'ମଡ଼ର୍ନ ପ୍ଲାଷ୍ଟିକ୍ ସର୍ଜରି'କୁ ଜନ୍ମ ଦେଇଥିଲା। କେହିକେହି ଏହାକୁ ମଡର୍ନ ପ୍ଲାଷ୍ଟିକ୍ ସର୍ଜରି ବୋଲି କହୁଥିବା ବେଳେ ଆଉ କେହି କେହି ଏହାକୁ 'ମଡର୍ନ ବ୍ରିଟିଶ୍ ପ୍ଲାଷ୍ଟିକ୍ ସର୍ଜରି' ବୋଲି ମଧ୍ୟ କହିଥାନ୍ତି। କାରଣ ବ୍ରିଟିଶ୍ ରେଡ୍‌କ୍ରସ୍ ପାଇଁ କାମ କରୁଥିବା ଜଣେ ବିଚକ୍ଷଣ ସର୍ଜନ ହିଁ ଏହାର ଉଦ୍ଭାବକ ଥିଲେ। ବ୍ରିଟିଶ୍ ରେଡ୍‌କ୍ରସ୍‌ର ମନ୍ତବ୍ୟକୁ ଅନୁଧ୍ୟାନ କରାଯାଇପାରେ। ଗୋଟିଏ ପଟରେ ଭୟାବହ ପ୍ରଥମ ବିଶ୍ୱଯୁଦ୍ଧର ବିଭୀଷିକା ସମଗ୍ର ବିଶ୍ୱରେ ଆତଙ୍କର ମହାମାରୀ ଖେଳେଇ ଦେଇଥିବା ବେଳେ ଅନ୍ୟପଟରେ ଆଗାମୀ ବିଶ୍ୱ ପାଇଁ ପ୍ରସ୍ତୁତ ହେଉଥିଲା ପ୍ଲାଷ୍ଟିକ୍ ସର୍ଜରିର ନୂଆ ତରିକା। ଆଉ ଯୁଦ୍ଧର ଘନଘଟା ମଧ୍ୟରେ ଥାଇ ବି ଆଗାମୀ ବିଶ୍ୱର କଲ୍ୟାଣ ପାଇଁ ପ୍ଲାଷ୍ଟିକ୍ ସର୍ଜରିର ନୂଆ ତରିକା ବିଷୟରେ ଗବେଷଣା କରୁଥିଲେ ବିଖ୍ୟାତ ସର୍ଜନ ହାରୋଲ୍ଡ ଗିଲିସ୍। →












ୱାଲଟର ୟେଓ






ୱିଲି ଭିସାର

କହିବା ନିଷ୍ପ୍ରୟୋଜନ, ପ୍ରଥମଥର ପାଇଁ ହାରୋଲ୍ଡ ଗିଲିସ୍ 'ସ୍କିନ୍ ଗ୍ରାଫ୍ଟିଂ' ପଦ୍ଧତି କଥା ଚିନ୍ତା କରିଥିଲେ। ସୂଚନାଯୋଗ୍ୟ ସ୍କିନ୍ ଗ୍ରାଫ୍ଟିଂ ପଦ୍ଧତିରେ ପୀଡ଼ିତ ବ୍ୟକ୍ତିର ଶରୀରର ଗୋଟିଏ ସ୍ଥାନରୁ ସ୍କିନ୍ ବା ଚମଡ଼ା ଆଣି କ୍ଷତିଗ୍ରସ୍ତ ହୋଇଥିବା ସ୍ଥାନରେ ପ୍ରତିରୋପଣ କରାଯାଇଥାଏ। ଏଥିପାଇଁ ୧୯୩୦ରେ ହାରୋଲ୍ଡଙ୍କୁ ମର୍ଯ୍ୟାଦାଜନକ 'ନାଇଟ୍‌ହୁଡ୍' ପ୍ରଦାନ କରାଯାଇଥିଲା ଓ ସେହିଦିନଠାରୁ ତାଙ୍କୁ 'ଦି ଫାଦର ଅଫ୍ ମଡର୍ନ ପ୍ଲାଷ୍ଟିକ୍ ସର୍ଜରି' ବୋଲି ବିବେଚନା କରାଯାଇଥିଲା।

**ବ୍ୟାଟଲ୍ ଅଫ୍ ଜୁଟ୍‌ଲ୍ୟାଣ୍ଡ :** ୧୯୧୬ ମସିହା। ପ୍ରଥମ ବିଶ୍ୱଯୁଦ୍ଧର ପ୍ରାୟ ମଧ୍ୟବର୍ତ୍ତୀ ସମୟ ଖଣ୍ଡ। ସ୍ଥାନ ଡେନ୍‌ମାର୍କର ଜୁଟଲ୍ୟାଣ୍ଡ ପେନିନ୍‌ସୁଲା (ଉପଦୀପ)। ଏଠାରେ ସାମ୍ନାସାମ୍ନି ହୋଇଥାନ୍ତି ତତ୍କାଳୀନ ବିଶ୍ୱର ଦୁଇ ମହାଶକ୍ତି – ବ୍ରିଟେନ୍‌ର ରୟାଲ ନେଭି ଏବଂ ସାମ୍ରାଜ୍ୟବାଦୀ (ଇମ୍ପେରିଆଲ) ଜର୍ମାନୀର ଶକ୍ତିଶାଳୀ ନୌସେନା। ମେ' ମାସ ୩୧ ତାରିଖରୁ ଜୁନ୍ ମାସର ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଘମାଘୋଟ ଯୁଦ୍ଧକୁ ଇତିହାସ 'ବ୍ୟାଟଲ୍ ଅଫ୍ ଜୁଟ୍‌ଲ୍ୟାଣ୍ଡ' ଭାବରେ ସାଇତି ରଖିଛି। କେବଳ ଯୁଦ୍ଧ କିମ୍ବା ଯୁଦ୍ଧର ଫଳାଫଳକୁ ନୁହେଁ; ଏଥିସହିତ ବିଶ୍ୱ ଇତିହାସ ଏହି ଯୁଦ୍ଧ ସହିତ ଜଡ଼ିତ ଅନ୍ୟ ଦୁଇଜଣଙ୍କୁ ମଧ୍ୟ ସମାନ ଭାବରେ ସ୍ମରଣୀୟ କରିଦେଇଛି। ଜଣେ ହେଉଛନ୍ତି ୱିଲି ଭିସାର ଏବଂ ଅନ୍ୟଜଣେ ୱାଲଟର ୟେଓ। ଦୁଇଜଣ ଯାକ ଥିଲେ କୁଶଳୀ ବ୍ରିଟିଶ ନୌଚାଳକ ବା ନାବିକ; ଯେଉଁମାନଙ୍କ ଉପରେ ବ୍ୟାଟଲ ଅଫ୍ ଜୁଟ୍‌ଲାଣ୍ଡରେ ଭାଗନେଇଥିବା ବ୍ରିଟେନ୍ ରୟାଲ ନେଭିର ସୈନିକମାନଙ୍କ ଜୀବନ କିମ୍ବା ମରଣ ନିର୍ଭର କରୁଥିଲା।

ଏଚ୍.ଏମ୍.ଏସ୍. ମାଲୟ (ରୟାଲ ନେଭିର ଯୁଦ୍ଧ ଜାହାଜ)ର ନାବିକ ଥିଲେ ୱିଲି ଭିସାର। ଏଥିରେ ଅଂଶ ଗ୍ରହଣ କରିଥିବା ମୋଟ୍ ୬୫ଜଣଙ୍କର ପ୍ରାଣହାନି ଘଟିଥିଲା। ମାତ୍ର ଅଳ୍ପକିଛି ବର୍ତ୍ତି ଯାଇଥିଲେ। ସେମାନଙ୍କ ମଧ୍ୟରେ ଭିସାର ଥିଲେ ଅନ୍ୟତମ। ଗୁଳି ବାଜି ଭିସାରଙ୍କର ନାକର ଶତକଡ଼ା ନବେ ଭାଗ ନଷ୍ଟ ହୋଇଯାଇଥିଲା। କାନର ଅର୍ଦ୍ଧେକାଂଶ ଜଳି ଯାଇଥିଲା। ଓଠ କିମ୍ବା ଆଖି ପତା ନଥିଲା। ଦାନ୍ତମାଢ଼ି ଖଣ୍ଡଖଣ୍ଡ ହେଇ ଖସି ପଡ଼ିଥିଲା। ସେହିଭଳି ବ୍ୟାଟଲ ଅଫ୍ ଜୁଟ୍‌ଲାଣ୍ଡରେ ଅଂଶଗ୍ରହଣ କରିଥିବା ରୟାଲ୍ ନେଭିର ଯୁଦ୍ଧପୋତ ଏଚ୍.ଏମ୍.ଏସ୍. ୱାର୍ସପିଟ୍‌ର ଜଣେ ପେଟି ଅଫିସର ଥିଲେ ୱାଲଟର ୟେଓ। ଶତ୍ରୁପକ୍ଷର ଗୁଳି ବାଜି ତାଙ୍କ ମୁହଁ ଭୟଙ୍କର ଭାବରେ ବିକୃତ ହୋଇ ଯାଇଥିଲା। ଦୁଇଆଖିର ତଳ ଓ ଉପର ପତା ନଷ୍ଟ ହେଇ ଯାଇଥିଲା। ମରିଯାଇଥିବା ସୈନ୍ୟଙ୍କ ତୁଳନାରେ ବଞ୍ଚି ଯାଇଥିବା ଲୋକମାନଙ୍କର ଅବସ୍ଥା ଥିଲା ଅତ୍ୟନ୍ତ ଦୟନୀୟ। ଉଭୟଙ୍କୁ କେଣ୍ଟ ସ୍ଥିତ କୁଇନ ମେରୀ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଏଠାରେ ହାରୋଲ୍ଡ ଗିଲିସ୍ ଏବଂ ତାଙ୍କର ଟିମ୍ ସେମାନଙ୍କର ପ୍ଲାଷ୍ଟିକ୍ ସର୍ଜରି କରିଥିଲେ; ଯାହା ବିଶ୍ୱକୁ ଏକ ନୂଆ ଦିଶା ପ୍ରଦାନ କରିଥିଲା।


ହାରୋଲ୍ଡ ଗିଲିସ୍



ୱିଲି ଭିସାରଙ୍କ ଦାନ୍ତମାଢ଼ି ପ୍ରସ୍ତୁତ କରିବା ପାଇଁ ହାରୋଲ୍ଡ 'ୱାକିଂ-ଷ୍ଟକ୍ ସ୍କିନ୍ ଫ୍ଲାପ୍' ପଦ୍ଧତିର ପ୍ରୟୋଗ କରିଥିଲେ। ଛାତି, ପିଠି ଆଦିରୁ ମାଂସ ଆଣି ଦାନ୍ତମାଢ଼ି ତିଆରି କରିଥିଲେ। ଅନୁରୂପ ଭାବରେ କପାଳ ତଥା ନାକରୁ ଚମଡ଼ା ଆଣି ୱାଲଟର ୟେଓଙ୍କ ଅସ୍ତ୍ରୋପଚାର କରିଥିଲେ। ଏହି ଦୁଇଜଣଙ୍କର ସଫଳ ପ୍ଲାଷ୍ଟିକ୍ ସର୍ଜରିକୁ ସର୍ବପ୍ରଥମ ମଡର୍ନ ପ୍ଲାଷ୍ଟିକ୍ ସର୍ଜରି ବୋଲି କୁହାଯାଇଥାଏ।

## ହାରୋଲ୍ଡ ଗିଲିସ୍

ହାରୋଲ୍ଡ ଗିଲିସ୍‌ଙ୍କୁ ମଡର୍ନ ବ୍ରିଟିଶ୍ ପ୍ଲାଷ୍ଟିକ୍ ସର୍ଜରିର ବିଶ୍ୱକର୍ମା ବୋଲି କୁହାଯାଏ। ନ୍ୟୁଜିଲାଣ୍ଡରେ ଜନ୍ମିତ ଏହି ପ୍ଲାଷ୍ଟିକ୍ ସର୍ଜନ ବ୍ରିଟେନ୍‌ରେ ବଢ଼ିଥିଲେ ଏବଂ ଜଣେ ସ୍ୱନାମଧନ୍ୟ ଅଟୋଲାରିଞ୍ଜୋଲୋଜିଷ୍ଟ ଥିଲେ। ସେ ମୂଳତଃ ଥିଲେ ଜଣେ କର୍ଣ୍ଣ ଓ ଗଳା ବିଶେଷଜ୍ଞ। ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ କାଳରେ ତାଙ୍କୁ ବ୍ରିଟିଶ ରୟାଲ ଆର୍ମି ମେଡ଼ିକାଲରେ ନିଯୁକ୍ତ କରାଯାଇଥିଲା। ଜଣେ କର୍ଣ୍ଣ ନାସା ବିଶେଷଜ୍ଞ ହୋଇଥିଲେ ମଧ୍ୟ ସର୍ଜରିକୁ ନେଇ ତାଙ୍କ ଭିତରେ ବିଶେଷ କୌତୂହଳ ଭରି ରହିଥିଲା। ସେ ତାଙ୍କ ତଳ ପାହ୍ୟାର ଡାକ୍ତର ଚାର୍ଲସ ଭାଲାଡାଏରଙ୍କ ଠାରୁ ସ୍କିନ୍ ଏବଂ ବୋନ୍ ଗ୍ରାଫ୍ଟିଂ ଉପରେ ଅଭିଜ୍ଞତା ହାସଲ କରିଥିଲେ। ପରେ ସେ ପ୍ୟାରିସ୍ ଯାଇ ସେଠାରେ ସ୍କିନ୍ ତଥା ବୋନ୍ ସର୍ଜରି ଉପରେ ଅଧିକ ଜ୍ଞାନ ହାସଲ କରିଥିଲେ। ପ୍ରଥମ ବିଶ୍ୱଯୁଦ୍ଧ ବଳବତ୍ତର ରହିଥିଲା। ସେ ଆସି ଏକ ସ୍ୱତନ୍ତ୍ର ଟିମ୍ ଗଠନ କଲେ ଏବଂ ବିଶ୍ୱଯୁଦ୍ଧ ପୀଡ଼ିତ ସୈନ୍ୟଙ୍କର ପ୍ଲାଷ୍ଟିକ୍ ସର୍ଜରି କରିବା ଆରମ୍ଭ କରି ଦେଇଥିଲେ। ଏହା ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଅନୁଭବ ଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପୀଡ଼ିତଙ୍କ ସଂଖ୍ୟା ବଢ଼ିବା ଦେଖି ବ୍ରିଟିଶ୍ ରୟାଲ ଆର୍ମି ମେଡ଼ିକାଲ ୧୯୧୭ରେ ସିଡ୍‌କପ୍ ଠାରେ ଥିବା କୁଇନ୍ ଭିକ୍ଟୋରିଆ ହସ୍ପିଟାଲ୍‌କୁ ହାରୋଲ୍ଡ ଏବଂ ତାଙ୍କର ଦଳକୁ ସ୍ଥାନାନ୍ତରିତ କରିଥିଲେ।






## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ପାଗଳ

ଦୁଇ ପାଗଳ ଛାତ ଉପରେ ଶୋଇଥିଲେ। ଆଉ ବର୍ଷା ଆରମ୍ଭ ହୋଇଗଲା।
ପ୍ରଥମ ପାଗଳ– ଆକାଶରେ କଣା ହେଇଗଲା। ଚାଲ ଚାଲ, ଘର ଭିତରକୁ ପଳେଇବା।
ଏତିକିବେଳେ ବିଜୁଳି ଚମକିଲା...
ଦ୍ୱିତୀୟ ପାଗଳ– ହେ !, ରହିଯା। ବୋଧେ ୱେଲ୍ଡିଂ ବାଲା ଆସିଗଲେଣି।

## ଉଦ୍ଭାବନ

ଇଞ୍ଜିନିୟରିଂ ଛାତ୍ର ଶିକ୍ଷକଙ୍କୁ– ସାର୍, ମୁଁ ଏମିତି ଏକ ଜିନିଷ ତିଆରି କରିଛି, ଯାହା ସାହାଯ୍ୟରେ କାନ୍ଥର ଏପଟୁ ସେପଟ ଦେଖିହେବ।
ସାର୍(ଖୁସି ହୋଇ)– ସତରେ ! କ'ଣ ସେହି ଜିନିଷ।
ଛାତ୍ର– କାନ୍ଥରେ ଥିବା ସେହି 'କଣା'।

## ମଦର ଟଙ୍ଗ

ପପୁ ସ୍କୁଲର ଆଡମିଶନ୍ ଫର୍ମ ପୂରଣ କରିବାବେଳେ ବାପାଙ୍କୁ– ମୁଁ ମଦରଟଙ୍ଗ କ'ଣ ଲେଖିବି ?
ବାପା–ଲେଖେ 'ଭେରି ଲଙ୍ଗ ଆଣ୍ଡ ଆଉଟ୍ ଅଫ୍ କଣ୍ଟ୍ରୋଲ୍'।

# ଗୁଗୁଲ ଚାକିରି ଛାଡି ବିକିଲେ ସିଙ୍ଗଡା







ପାଠପଢା ସରିବା ପରେ ସବୁ ଯୁବପିଢିଙ୍କର ଇଚ୍ଛା ଥାଏ କୌଣସି ମଲ୍ଟିନ୍ୟାଶନାଲ କମ୍ପାନୀରେ ଚାକିରି କରିବେ। ଆଜିକାର ଏହି ଇଣ୍ଟରନେଟ୍ ଯୁଗରେ ତ ପ୍ରାୟ ସମସ୍ତଙ୍କର ଇଚ୍ଛା ଥାଏ ଗୁଗୁଲ ପରି ବଡ଼ କମ୍ପାନୀରେ ଚାକିରିଟିଏ ପାଇବା। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ଯୁବକ ଗୁଗୁଲ ପରି ଲକ୍ଷ ଲକ୍ଷ ଟଙ୍କା ଦରମାର ଚାକିରିକୁ ଛାଡି ସିଙ୍ଗଡା ବିକିବା ଆରମ୍ଭ କଲେ। ସେ ହେଉଛନ୍ତି ମୁମ୍ବାଇର ମୁନାଫ କପାଡିଆ। ଏମ୍‌ବିଏ ପଢିବା ପରେ ସେ ବିଦେଶ ଚାଲିଯାଇଥିଲେ। ସେଠାରେ ଇଣ୍ଟରଭ୍ୟୁ ଦେଇ ଗୁଗୁଲରେ ଚାକିରି ପାଇଲେ। ହେଲେ କିଛି ବର୍ଷ ଚାକିରି କରିବା ପରେ ତାଙ୍କର ମନ ସେଠି ଆଉ ଲାଗିଲାନି। ଚାକିରି ଛାଡି ଦେଇ ନିଜ ଦେଶ ଭାରତକୁ ଚାଲିଆସିଲେ। ଆଉ ନିଜର କମ୍ପାନୀ ଗଢିବାକୁ ସ୍ଥିର କରି 'ଦି ବୋହରୀ କିଚେନ' ନାମକ ରେଷ୍ଟୁରାଣ୍ଟ କଲେ। ଏଥିରେ ତାଙ୍କ ମା' ନଫିଶା ସମ୍ପୂର୍ଣ୍ଣ ସହଯୋଗ କଲେ। ସେ ବହୁତ ଭଲ ରୋଷେଇ କରୁଥିଲେ। ତେଣୁ ତାଙ୍କଠୁ ଟିପ୍ସ ନେଇ ଫୁଡ୍ ଚେନ୍ କରିବା ଥିଲା ମୁନାଫଙ୍କ ଯୋଜନା। ତେବେ ତାଙ୍କ ମା' ପ୍ରାରମ୍ଭିକ ସମୟରେ ନିଜେ ରେଷ୍ଟୁରାଣ୍ଟ ପାଇଁ ରୋଷେଇ କରୁଥିଲେ। ବିଭିନ୍ନ ସ୍ନାକ୍ସ ଭିତରେ ରେଷ୍ଟୁରାଣ୍ଟର ସିଙ୍ଗଡା ପୂରା ମୁମ୍ବାଇରେ ଲୋକପ୍ରିୟ ହୋଇଗଲା। ଆଉ ରେଷ୍ଟୁରାଣ୍ଟ ଏତେ ନାଁ କଲା ଯେ, ମାତ୍ର ୧ ବର୍ଷ ଭିତରେ ତାଙ୍କର ଟର୍ନ ଓଭର ୫୦ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚିଗଲା। ଫଳରେ ସେମାନେ ଭଲ ସିଙ୍ଗଡା କରିବା ଉପରେ ବେଶି ଗୁରୁତ୍ୱ ଦେଲେ। ଏବେ ମୁନାଫଙ୍କର ଯୋଜନା ରହିଛି ଖୁବ୍ କମ୍ ସମୟ ମଧ୍ୟରେ ସିଙ୍ଗଡାର ଏହି ବ୍ୟବସାୟକୁ ୫ କୋଟି ପର୍ଯ୍ୟନ୍ତ ପହଞ୍ଚାଇବେ। ମୁନାଫଙ୍କର ଏହି ସଫଳତାକୁ ଦେଖି ଫୋର୍ବସ୍ ତାଙ୍କୁ ଅଣ୍ଡର ୩୦ ଆଚିଭର୍ସ ତାଲିକାରେ ମଧ୍ୟ ସାମିଲ୍ କରିଥିଲେ।

## କାର୍ଟୁନ କର୍ନର



# "ଭଲ କଳାକାର ହେଇ ବଞ୍ଚିବାକୁ ଚାହେଁ"



ହାପି କର

କିଏ ଚାହେଁ ବଡ଼ ହୋଇ ଭଲ ଚାକିରି କରିବ। ହେଲେ ସେ ଚାହୁଁଥିଲେ ସେ ବଡ଼ ହେଇ ଜଣେ କଳାକାର ହେବେ। ସତେ ଯେମିତି କଳାକୁ ସାଥିରେ ନେଇ ଜନ୍ମ ହୋଇଥିଲେ ସେ। ଆଉ କଳାକୁ ବାଦ ଦେଇ ଜୀବନଟେ ବଞ୍ଚିବା ତାଙ୍କ ପକ୍ଷେ ସମ୍ଭବ ହୋଇପାରୁ ନଥିଲା। ଏଠାରେ ଯାହାଙ୍କ କଥା କୁହାଯାଉଛି ସେ ହେଉଛନ୍ତି ଜଲିଉଡ୍‌ର ଜଣେ ଅତି ଜଣାଶୁଣା ଯୁବ ଅଭିନେତା ହାପି କର ଓରଫ ବିଭୁଦେନ୍ଦୁ କର। ହାପିଙ୍କ ବାପା ଜଣେ ଡାକ୍ତର। ସେ ଚାହୁଁଥିଲେ ହାପି ଆଉ ଯାହା କରୁଛି କରୁ। ହେଲେ କଳାକାର ନହେଉ। କାରଣ ଓଡ଼ିଶାରେ କଳାକୁ ପେଶା କରି ପରିବାର ଚଳେଇବା କେବଳ ମୁସ୍କିଲ ନୁହେଁ; ଅସମ୍ଭବ। ମାତ୍ର ହାପିଙ୍କ ଭାଗ୍ୟରେ ଥିଲା ସେ କଳାକାର ହେବେ। ଆଉ ହେଲେ ମଧ୍ୟ। ୨୦୧୦ରେ ଯୋଗଦେଲେ ପାର୍ବତୀ ଗଣନାଟ୍ୟରେ। ପରେ ତୁଳସୀ ଏବଂ ଆହୁରି ଏକାଧିକ ପାର୍ଟି। ସମ୍ପ୍ରତି ସେ ଯାତ୍ରା ଇନ୍ଦ୍ରମହଲରେ ତାଙ୍କର ଅଭିନୟର ପରାକାଷ୍ଠା ଦେଖେଇ ଚାଲିଛନ୍ତି। ତାଙ୍କ ଅଭିନୀତ ନାଟକ ମଧ୍ୟରେ ରହିଛି: ସୁଖ ପରଦେଶୀ ଦୁଃଖ ପଡ଼ୋଶୀ, ଅଳପ ଦିନର ଗଳ୍ପ ଆମର, ଦେବଦାସୀ, ପ୍ରତାରଣା କିଏ କାହାକୁ ଦେଇଛି, ଡାକବଙ୍ଗଳାର ଡାର୍ଲିଂ, ଥ୍ୟାଙ୍କ୍ ୟୁ ଡ୍ୟାଡି, ଲୁହ ନଈକୂଳେ କରିଛି ଘର, ସବୁ ସୋମବାର ତମରି ପାଇଁ, ମାଳି ସାହି ମୀରା କାହାରି ନୁହେଁ, କ'ଣ କଲା ସେ, ଶହେଶହେରେ ଖେଳ, ରୁଷ୍‌ନା ମୋ ସୁନା ଭଉଣୀ ଏବଂ ଆହୁରି ଅନେକ। ନ'ବର୍ଷର ଅଭିନୟ କ୍ୟାରିଅର ମଧ୍ୟରେ ହାପି ଅନେକ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି; ଯାହା ଦର୍ଶକଙ୍କ ନିକଟରେ ତାଙ୍କର ସ୍ୱତନ୍ତ୍ର ଇମେଜ୍ ପ୍ରତିଷ୍ଠା କରିଛି। ତେବେ ତୁଳସୀ ଗଣନାଟ୍ୟର ନାଟକ 'ରୁଷ୍‌ନା ମୋ ସୁନା ଭଉଣୀ' ନାଟକରେ ସେ କରିଥିବା ବ୍ୟାସଦେବ ବିଶ୍ୱକର୍ମା ଭୂମିକା ତାଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିଛି। ଏଥିରେ ସେ ଜଣେ ଔପନ୍ୟାସିକ। ନିଜ ବନ୍ଧୁର ପ୍ରେମିକା ସୁମନ୍‌କୁ ଖଳନାୟକ କବଳରୁ ବଞ୍ଚେଇବାକୁ ଯାଇ ନିଜେ ଅପରାଧୀ ପାଲଟି ଯାଉଛି। ଆଉ ନିଜର ବାହାଘର ଦିନ ଜେଲ୍ ଯାଉଛି। ଆଉ ଜେଲ୍ ଯିବା ବେଳେ ସେ କାନ୍ଦୁଥିବା ସୁମନ୍‌କୁ ବୁଝେଇ କହୁଛି : 'ଭାଉଜ, ତମେ କାନ୍ଦୁଛ କାହିଁକି ? ଓଃ, ମୁଁ ତମ ବାହାଘରରେ ରହିପାରିବିନି, ତମ ଭୋଜିଭାତ ଖାଇ ପାରିବିନି – ଏଇ କଥା ଭାବି ତମେ କାନ୍ଦୁଛ ନା ? ଠିକ୍‌ଅଛି ଭାଉଜ, ମୁଁ ତମକୁ କଥା ଦଉଛି ଜେଲ୍‌ରୁ ଫେରିବା ପରେ ତମ ଭୋଜି ନିଶ୍ଚୟ ଖାଇବି। ଆଉ ଯଦି ମତେ ଫାଶୀ ହେଇଯାଏ ତା'ହେଲେ ଆଉ କେହି ନୁହେଁ ଭାଉଜ ତମେ ତମ ହାତରେ ଗଣ୍ଡେ ରୋଷେଇ କରିଦବ।' ପାଖରେ ଠିଆ ହେଇ କାନ୍ଦୁଥିବା ସାଙ୍ଗକୁ କହେ: 'ଆଉ କେହି ନୁହେଁରେ ତୁ ମୋ ସାଙ୍ଗ ରାଜ୍, ତୁ ତାକୁ ନିଜେ ନେଇ ମଶାଣୀରେ ରଖିଦବୁ। ତାକୁ ଖାଇ ମୁଁ ବୁଝିଯିବି ଏଇଟା ମୋ ରାଜ୍ ଆଉ ସୁମନ୍‌ର ବାହାଘର ଭୋଜି।' ଏ ନାଟକଟି ତାଙ୍କ ପାଇଁ ଏକ ମାଇଲ୍‌ଖୁଣ୍ଟ ହୋଇ ରହିଛି। ହାପି କୌଣସି ନିର୍ଦ୍ଦିଷ୍ଟ ଭୂମିକା ପାଇଁ ଅଡ଼ି ବସନ୍ତିନି। ତାହା ନେଗେଟିଭ୍ ହେଉ କି ପଜିଟିଭ୍। ସେ ସବୁକିଛି କରିବାକୁ ପ୍ରସ୍ତୁତ। ତେବେ ସେଥିରେ ଅଭିନୟ କରିବାର ସ୍କୋପ୍ ରହୁଥିବ। ତାଙ୍କର ଇଚ୍ଛା ସେ ଜଣେ ଭଲ କଳାକାର ହୋଇ ବଞ୍ଚିବେ। ଆଜିର ଯାତ୍ରା ଏକ ସଂକଟମୟ ସ୍ଥିତି ଦେଇ ଗତି କରୁଛି। ହାପିଙ୍କ ମତରେ ଯେ ପର୍ଯ୍ୟନ୍ତ ମାଲିକ, ମ୍ୟାନେଜରମାନେ ଟ୍ୟାଲେଣ୍ଟ୍‌କୁ ଅଣଦେଖା କରି କେବଳ ବ୍ୟାନର ପଛରେ ଗୋଡ଼ଉଥିବେ ସେତେଦିନ ପର୍ଯ୍ୟନ୍ତ ଯାତ୍ରାର ଭବିଷ୍ୟତ ଅନିଶ୍ଚିତ।

## ସଫଳ ଯୋଡ଼ି ସିଲୁ-କାଳୀ

ଜଲିଉଡ୍‌ର ଅନେକ ସୁପରହିଟ୍ ଯାତ୍ରାଯୋଡ଼ିଙ୍କ ମଧ୍ୟରୁ ସିଲୁ-କାଳୀ ବେଶ୍ ପ୍ରସିଦ୍ଧ। ସିଲୁଙ୍କ ମୂଳନାମ ସମ୍ପଦ ପ୍ରସାଦ ସ୍ୱାଇଁ ହୋଇଥିବା ବେଳେ ଇଣ୍ଡଷ୍ଟ୍ରିରେ ସେ 'ସିଲୁ' ଭାବରେ ଜଣାଶୁଣା। ସେହିଭଳି ଅଭିନେତ୍ରୀ କାଳୀଙ୍କ ମୂଳନାମ ନିକିତା ସ୍ୱାଇଁ। ସିଲୁ ତାରାପୁର ଅପେରାରେ ତାଙ୍କର ଅଭିନୟର ଜୀବନର ଆରମ୍ଭ କରିଥିବା ବେଳେ କାଳୀଙ୍କ ଅଭିନୟ ଆରମ୍ଭ ହୋଇଥିଲା ଶିବାନୀ ଗଣନାଟ୍ୟରୁ। ଦୁହିଁଙ୍କର ନିଖୁଣ ଅଭିନୟ, ଯାତ୍ରା ପ୍ରତି ନିଷ୍ଠା ତଥା ଚରିତ୍ରକୁ ସଫଳ ରୂପାୟନ କରିବାରେ ଏମାନେ ବେଶ୍ ଦକ୍ଷ। ସମ୍ପ୍ରତି ତ୍ରିନାଥ ଗଣନାଟ୍ୟରେ ଅଭିନୟର ଜଲ୍‌ୱା ଦେଖାଉଥିବା ଏହି ଯୋଡ଼ିଙ୍କର ଏକ ସ୍ୱତନ୍ତ୍ର କ୍ରେଜ୍ ରହିଛି ଦର୍ଶକଙ୍କ ନିକଟରେ। ତା'ର ଏକ ବଳିଷ୍ଠ କାରଣ ହେଉଛି ଏମାନଙ୍କ ବଳିଷ୍ଠ ଅଭିନୟ। ଏହି ଦୁଇଯୋଡ଼ି ବହୁ ଭିନ୍ନଭିନ୍ନ ଯାତ୍ରା ପାର୍ଟିରେ କାମ କରି ନିଜର ଫ୍ୟାନ୍‌ମାନଙ୍କୁ ମୁଗ୍ଧ କରିଥିବା ବେଳେ ଏମାନେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି ଥରେ କହିଦିଅ ଆଇ ଲଭ୍ ୟୁ, ମନେ ପଡ଼ିବନି ତମକଥା, ମୋ ପତି ତୋ ପରମେଶ୍ୱର, ସରକାର ମତେ ଫାଶୀ ଦିଅ, ତମ ପିଲାର ମା' ହେବିନି, ପୁରୀ ଭାଗବତ ପିପିଲି ଗୀତା, ଏମିତି ମା'କୁ ଶହେ ସଲାମ, ଡାଆଣୀ ଆଖି, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଏବଂ ଆହୁରି ଅନେକ। ସମ୍ପ୍ରତି ତ୍ରିନାଥ ଗଣନାଟ୍ୟରେ ଏହି ସଫଳ ଯୋଡ଼ି ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି ମୁଁ ମାଟି ଅଗଣାର ବୋହୂ, ବାଇଶି ପାହାଚ, ମୋ ସ୍ତ୍ରୀର ଗପ ନ କହିଲେ ପାପ, ଆଜି କଥା କାଲିକି ନାହିଁ, ଏମିତି ନାରୀକୁ ଦୂରୁ ଜୁହାର ଏବଂ କଳଙ୍କିନୀ। ମୁଁ ମାଟି ଅଗଣାର ବୋହୂରେ କାଳୀ ନେହା ଏବଂ ସିଲୁ ବିକ୍ରମ, ବାଇଶି ପାହାଚରେ କାଳୀ ସୋନମ ଓ ସିଲୁ ବିଧାନ, ମୋ ସ୍ତ୍ରୀର ଗପରେ କାଳୀ ରାଣୀ ଶିଖା ପ୍ରତାପ ସିଂହ ଏବଂ ସିଲୁ ବାଦଲ, ଏମିତି ନାରୀକୁ ଦୂରୁ ଜୁହାରରେ କାଳୀ ବୈଶାଖୀ ଏବଂ କଳଙ୍କିନୀରେ ସିଲୁ ବିକ୍ରମ ଭୂମିକାରେ ଅବତୀର୍ଣ୍ଣ ହୋଇ ଦର୍ଶକମାନଙ୍କୁ ଭରପୂର ମନୋରଞ୍ଜନ ଯୋଗେଇ ଚାଲିଛନ୍ତି।



ସିଲୁ-କାଳୀ

## ରୂପ ବଦଳଉଥିବା ମାଛ

କଟ୍‌ଲ ଫିଶ୍ ଏକ ଚତୁର ସାମୁଦ୍ରିକ ପ୍ରାଣୀ। ବାସ୍ତବରେ ଏହା ଏକ ମାଛ ନୁହେଁ; ସ୍କୁଇଡ୍ ଅଥବା ଅକ୍ଟୋପସ୍ ପ୍ରଜାତୀୟ ଜୀବ। କଟ୍‌ଲ ଫିଶ୍‌ର ଆତ୍ମରକ୍ଷା କୌଶଳଟି ବେଶ୍ ରୋଚକ। ଏହା ଶତ୍ରୁକୁ ଦେଖିଲେ ତଥା ବିପଦର ସାମ୍ନା କଲେ ତୁରନ୍ତ ନିଜକୁ ଲୁଚେଇଦିଏ । ଏହା ଚାରିପଟେ ଏକ ଆବରଣ ବେଢ଼ିଯାଏ। ତା' ଭିତରୁ ଉଜ୍ଜ୍ୱଳ ଆଲୋକ ବାହାରେ। ଏହାର ରୂପ ବଦଳିଯାଏ। ଏହା ଏକ ନୂଆରୂପ ଧରି ଶତ୍ରୁକୁ ଧୋକ୍‌କା ଦେଇଦିଏ। ଏହାଛଡ଼ା ପାଟିରୁ କାଳି ଭଳି ଏକ ପ୍ରକାର ତରଳ ପଦାର୍ଥ ବାହାର କରି ପିଚକାରୀ ମାରେ। ଫଳରେ ଶତ୍ରୁ ଡରି ପଳେଇଯାଏ। ବିପଦ ଟଳିଗଲା ପରେ ଏହା ମୂଳ ରୂପକୁ ଫେରିଆସେ। କଟ୍‌ଲଫିଶ୍ କେବଳ ଶତ୍ରୁକୁ ଘଉଡ଼ାଇବା ପାଇଁ ନୁହେଁ; ନିଜର ସାଥୀ ଖୋଜିବା ପାଇଁ ମଧ୍ୟ ଏହି ଉପାୟ ଅବଲମ୍ବନ କରେ।









## ବ୍ୟାକ୍ ପେଜ୍







# ହ୍ୱାଇଟ୍ ଟେମ୍ପୁଲ୍

ଥାଇଲାଣ୍ଡର 'ୱାଟ ରଙ୍ଗ ଖନ୍' ବେଶ୍ ପରିଚିତ ହ୍ୱାଇଟ୍ ଟେମ୍ପୁଲ ଭାବେ। ଏହା ଏକ ବୌଦ୍ଧ ମନ୍ଦିର। ଉକ୍ତ ମନ୍ଦିରର କାରୁକାର୍ଯ୍ୟ ଏପରି ଯେ, ତା'ମଧ୍ୟକୁ ଗଲେ ସ୍ୱର୍ଗପୁରୀର ଅନୁଭବ ହୁଏ। କେବଳ ଯେ, ଏଇଠି ସ୍ୱର୍ଗୀୟ ଅନୁଭୂତି ମିଳେ ତାହା ନୁହେଁ। ନର୍କର ଅନୁଭୂତି ବି ମିଳିଥାଏ। ତେଣୁ ଲାଗେ ସତେ ଯେମିତି ସ୍ୱୟଂ ଭଗବାନ ଏହାକୁ ଗଢିଛନ୍ତି। ହେଲେ ଏହି ଅଜବ ମନ୍ଦିରକୁ ଜଣେ ମାନବ ହିଁ ତିଆରି କରିଛନ୍ତି। ସେ ହେଉଛନ୍ତି ଥାଇଲାଣ୍ଡର କାରିଗର ଚାଲେର୍ମଚାଇ କୋସିତପିପତ୍। ସେ ଏହାକୁ ଡିଜାଇନ୍ କରିବା ସହ ତା'ର ନିର୍ମାଣ ବି ନିଜେ କରିଥିଲେ। ଆଉ ଏହାକୁ ୧୯୯୭ରେ ସର୍ବସାଧାରଣଙ୍କ ପାଇଁ ଖୋଲିଥିଲେ। ଏହି ମନ୍ଦିରକୁ ସମ୍ପୂର୍ଣ୍ଣଭାବେ ଧଳା ରଙ୍ଗରେ ରଙ୍ଗା ଯାଇଛି। କାରଣ ଏହା ବୁଦ୍ଧଦେବଙ୍କର ଶୁଦ୍ଧତାକୁ ଦର୍ଶାଏ। ଏହାମଧ୍ୟସ୍ଥ ସବୁ କଳାକୃତି ବି ଧଳା ରଙ୍ଗର। ଯଦିଓ ସେଥିରେ କିଛିଟା ସୁନେଲି ରଙ୍ଗ ବ୍ୟବହାର ହୋଇଛି, ଯାହାକି କାମନାର ଅନ୍ଧକାର ମଧ୍ୟରୁ ଦିବ୍ୟାଲୋକ ପ୍ରାପ୍ତିକୁ ବୁଝାଏ। ମନ୍ଦିରକୁ ପ୍ରବେଶ କରିବାମାତ୍ରେ ଏହାର ଦୁଇ ପାର୍ଶ୍ୱରେ ଅନେକ ଅଜବ ହାତର ମୂର୍ତ୍ତି ଦେଖିବାକୁ ମିଳେ, ଯାହାକି ଅପୂରଣୀୟ ଇଚ୍ଛାକୁ ଦର୍ଶାଏ।ଏହାପରେ ଏକ ଛୋଟିଆ ହ୍ରଦ ଉପରେ ଏକ ବ୍ରିଜ୍ ରହିଛି। ଯାହା ଖୁସିର ରାସ୍ତାକୁ ଦର୍ଶାଏ। ଠିକ୍ ଏହାପରେ ରାସ୍ତାର ଦୁଇ ପାର୍ଶ୍ୱରେ ଦୁଇଟି ବିରାଟକାୟ ଅଧା ମାନବ ଓ ଅଧା ପକ୍ଷୀର ପ୍ରତିମୂର୍ତ୍ତି ରହିଛି। ପରେ ରହିଛି 'ଗେଟ୍ ଅଫ୍ ହେଭେନ୍'। ଯାହାକୁ ଜଗିଛନ୍ତି ମୃତ୍ୟୁ ଓ ରାହୁଙ୍କର ବିରାଟକାୟ ପ୍ରତିମୂର୍ତ୍ତି। ଏହାବ୍ୟତୀତ ଅନେକ ବୌଦ୍ଧ ମୂର୍ତ୍ତି ବି ରହିଛି। ଉକ୍ତ ମନ୍ଦିରର ପ୍ରତ୍ୟେକ ଅଂଶରେ ଅତି ସୁନ୍ଦର କାରିଗରିର ଝଲକ ଦେଖିବାକୁ ମିଳେ। ଆଉ ଥରେ ଯିଏ ଏହାକୁ ଦେଖେ ଆଜୀବନ ଭୁଲିପାରେନା। ତେବେ ଦୁଃଖର ବିଷୟ ନିକଟରେ ହୋଇଥିବା ଭୂମିକମ୍ପରେ ଉକ୍ତ ମନ୍ଦିରର ଅନେକାଂଶ ଭାଙ୍ଗି ଯାଇଛି। ତେଣୁ ଏହାର ପୁନରୁତ୍ଥାନ ପାଇଁ ଚେଷ୍ଟା କରାଯାଉଛି।

## ଭିନ୍ନ ଏକ ରେକର୍ଡ

ମୋଟର ସାଇକେଲରେ ଡେୟାର ଡେଭିଲ୍ ଷ୍ଟଣ୍ଟ ଅନେକେ କରନ୍ତି। ତାହା ଦେଖିବାକୁ ବେଶ୍ ରୋମାଞ୍ଚକ ଲାଗୁଥିଲେ ହେଁ ଏଥିରେ ଥାଏ ଜୀବନ ପ୍ରତି ବିପଦ। ସେମିତି କିଛି ଡେୟାର ଡେଭିଲ ଷ୍ଟଣ୍ଟ କରି ଏକ ଟିମ୍ ରେକର୍ଡ କରିଛନ୍ତି। ସେହି ଟିମ୍ ହେଉଛି ୟୁକେର ବୋଲ୍ଡଡଗ୍ ଏଫ୍ଏମ୍ ଏକ୍ସ। ଏହାର ଏକ ୧୦ ଜଣିଆ ଟିମ୍ ନିଜ ନିଜ ବାଇକ୍‌ରେ ବହୁ ଉପରକୁ ଜମ୍ପ କରି ଏକ ବାସ୍କେଟ୍‌ରେ ସର୍ବାଧିକ ବଲ୍ ପକାଇ ଏହି ରେକର୍ଡ କରିଛନ୍ତି। ଏହାଛଡା ସେମାନେ ବହୁ ଉପରକୁ ବାଇକ୍‌ରେ ଜମ୍ପ କରି ବାଇକ୍‌କୁ ସମ୍ପୂର୍ଣ୍ଣ ଛାଡି ପୁଣି ଥରେ ତାକୁ ଧରି ଭୂମିକୁ ଲମ୍ଫ ପ୍ରଦାନ କରି ମଧ୍ୟ ରେକର୍ଡ କରିଛନ୍ତି। ଏହି ଡେୟାର ଡେଭିଲ୍ ଟ୍ରିକ୍‌କୁ ଦେଖିଲେ କିଛି ସମୟ ପାଇଁ ହୃଦସ୍ପନ୍ଦନ ବନ୍ଦ ହେବା ପରିଲାଗେ।

